## ୧୩ ଫୁଟର ଅହିରାଜ ଉଦ୍ଧାର

ବୁଗୁଡ଼ା,(ଡି.ଏନ.ଏ.):ବୁଗୁଡ଼ା ବ୍ଲକ ମହୁଲପଲ୍ଲୀ ଗ୍ରାମର ଏକ କୂଅରୁ ୧୩ ଫୁଟିଆ ଅହିରାଜ ଶନିବାର ବନବିଭାଗ ପକ୍ଷରୁ ଉଦ୍ଧାର କରାଯାଇଛି। ଗାଁର ଜଣେ ମହିଳା ସକାଳେ ଉତ୍ତରପଟ ସାହିରେ ଥିବା ଏକ କୂଅକୁ ପାଣି ବାହାର କଲାବେଳେ ଭିତରେ ସାପ ଥିବା ଦେଖି ଭୟଭୀତ ହୋଇଥିଲେ। ଗ୍ରାମବାସୀଙ୍କଠାରୁ ଖବରପାଇ ବନପାଳ ସୁବ୍ରତ କୁମାର ତ୍ରିପାଠୀ, ବନରକ୍ଷି ପ୍ରଦୀପ ପରିଚ୍ଛା ପ୍ରମୁଖ ବନ କର୍ମଚାରୀମାନେ ପହଞ୍ଚି କୂଅରୁ ସାପଟିକୁ ଉଦ୍ଧାର କରି ନିକଟସ୍ଥ କିରିଆମ୍ବା ଜଙ୍ଗଲରେ ଛାଡ଼ିଥିଲେ।

## ସଂକ୍ଷେପରେ

### ନବଜାତ ଶିଶୁର ମୃତଦେହ ଜବତ

**ପୁରୁଷୋତ୍ତମପୁର:୧୦।୪(ଡି.ଏନ.ଏ.):** ପୁରୁଷୋତ୍ତମପୁର ଥାନା ଗୋଠିଆଲି ଗ୍ରାମ ଜମୁନା ପୋଖରୀ ତୁଠରୁ ଏକ ନବଜାତ ଶିଶୁ ପୁତ୍ରର ମୃତଦେହ ଜବତ କରାଯାଇଛି। ସକାଳେ ଲୋକେ ଉକ୍ତ ପୋଖରୀକୁ ଗାଧୋଇବାକୁ ଆସିଥିବା ବେଳେ ଶିଶୁଟିର ମୃତଦେହ ପାହାଚରେ ପଡ଼ିଥିବା ଦେଖିଥିଲେ। ସ୍ଥାନୀୟ ପୋଲିସ ପହଞ୍ଚି ମୃତଦେହ ଜବତ କରି ନଂ. ୪/୨୧ରେ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ହାଇୱା ଧକ୍କାରେ ଯୁବକ ଗୁରୁତର

**ଭଞ୍ଜନଗର,୧୦।୪(ଡି.ଏନ.ଏ):** ଭଞ୍ଜନଗର-ବେଲଗୁଣ୍ଠା ମୁଖ୍ୟ ରାସ୍ତାର ନୂଆଗାଁ ସେତୁ ଉପରେ ଶନିବାର ଏକ ହାଇୱା ଧକ୍କାରେ ବାଇକ୍ ଚାଳକ ବିଲୁଆପଡ଼ାର ମଦନ ନାୟକ ଗୁରୁତର ହୋଇଛନ୍ତି। ମଦନଙ୍କୁ ପ୍ରଥମେ ଭଞ୍ଜନଗର ଡାକ୍ତରଖାନା ଓ ପରେ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ପଠାଯାଇଛି। ଭଞ୍ଜନଗର ପୋଲିସ ଘଟଣାର ତଦନ୍ତ ଚଳାଇଛି।

### ସଚେତନତା ରଥ ଶୁଭାରମ୍ଭ

**ସୋରଡ଼ା,୧୦।୪(ଡି.ଏନ୍.ଏ.):** ସୋରଡ଼ା ଆଇଆଇସି ରମେଶ କୁମାର ପ୍ରଧାନଙ୍କ ଦ୍ୱାରା ଶୁକ୍ରବାର କରୋନା ସଚେତନତା ରଥ ଶୁଭାରମ୍ଭ ହୋଇଯାଇଛି। ଏହି ରଥ ନଗର ସମେତ ବ୍ଲକର ଗ୍ରାମଗୁଡ଼ିକୁ ପରିକ୍ରମା କରି ସମସ୍ତଙ୍କୁ କରୋନା ସଚେତନତା କରିବା ସହ ମାସ୍କ ପରିଧାନ ସମେତ ସାମାଜିକ ଦୂରତା ରକ୍ଷା କରିବାକୁ ଆଇଆଇସି ଅନୁରୋଧ କରୁଥିଲେ।

### ଓକିଲ ସଂଘର ଶପଥ ଗ୍ରହଣ

**ପୁରୁଷୋତ୍ତମପୁର,୧୦।୪(ଡି.ଏନ୍.ଏ.):** ପୁରୁଷୋତ୍ତମପୁର ଓକିଲ ସଂଘ ପକ୍ଷରୁ ଶପଥ ଗ୍ରହଣ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ଅଧିକାରୀ ରବୀନ୍ଦ୍ର ବେହେରା, ନିର୍ବାଚିତ ସଭାପତି କେଦାରନାଥ ପଟ୍ଟନାୟକ, ଉପସଭାପତି ସୀମାଞ୍ଚଳ ସେଠୀ, ସମ୍ପାଦକ ପ୍ରକାଶ ଚନ୍ଦ୍ର ତ୍ରିପାଠୀ ଓ ସହ ସମ୍ପାଦକ ପାଣ ବେହେରାଙ୍କୁ ଶପଥ ପାଠ କରାଇଥିଲେ। ଏଥିରେ ବରିଷ୍ଠ ଓକିଲ ଉପେନ୍ଦ୍ର ପଣ୍ଡା, ବାସୁଦେବ ଜେନା, ପ୍ରଭାତ କୁମାର ପଟ୍ଟନାୟକ, କୃଷ୍ଣଚନ୍ଦ୍ର ଗୌଡ଼, ଅମରେଶ ତ୍ରିପାଠୀ, ସୀମାଞ୍ଚଳ ମିଶ୍ର, ରମାରଞ୍ଜନ ଦାଶ, ଅଶୋକ କୁମାର ମହାଙ୍କୁଡଙ୍କ ସମେତ ବହୁ ଓକିଲ ଉପସ୍ଥିତ ଥିଲେ।

### କୋଭିଡ୍ ସଚେତନତା

**ରମ୍ଭା,୧୦।୪:** ରମ୍ଭା ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱପ୍ନରାଣୀ ପାଢ଼ୀଙ୍କ ନେତୃତ୍ୱରେ ଶନିବାର କୋଭିଡ୍ ସଚେତନତା କରାଯାଇଛି। ଅଙ୍ଗନୱାଡି କର୍ମୀ, କାର୍ଯ୍ୟରତ କର୍ମଚାରୀମାନଙ୍କୁ ନେଇ ବ୍ୟାନର ସହ ମୁଖ୍ୟରାସ୍ତା, ଛକଜାଗା, ବସ୍ଷ୍ଟାଣ୍ଡ ଗୁଡ଼ିକରେ ମାସ୍କ ପରିଧାନ, ସାମାଜିକ ଦୂରତା ରକ୍ଷା, ପଞ୍ଚସୂତ୍ରୀ ନିୟମ ମାନିବାକୁ ସଚେତନତା କରାଯାଇଥିଲା। ଏହାକୁ ଉଲ୍ଲଂଘନ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଯାଇଥିଲା।

# ଆଜିଠୁ ବାହାରୁ ଆସୁଥିବା ଲୋକଙ୍କ ସ୍ୱାସ୍ଥ୍ୟଯାଞ୍ଚ

**ଛତ୍ରପୁର,୧୦।୪(ଡି.ଏନ.ଏ)**

ଗଞ୍ଜାମ ଜିଲାକୁ ପ୍ରବାସୀ ଫେରୁଛନ୍ତି। ଅନ୍ୟପକ୍ଷରେ ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ୁଥିବାରୁ ୬ଟି ଡେଡିକେଟେଡ୍ କୋଭିଡ୍ କେୟାର ସେଣ୍ଟର ଖୋଲାଯାଇଛି । ରବିବାରଠାରୁ ଜିଲାକୁ ବାହାର ରାଜ୍ୟ ଓ ଦେଶରୁ ଆସୁଥିବା ଲୋକଙ୍କ ସ୍ୱାସ୍ଥ୍ୟ ସ୍କ୍ରିନିଂ ଆରମ୍ଭ ହେବ । ଅଙ୍ଗନୱାଡି କର୍ମୀ, ଆଶାକର୍ମୀ ଓ ଏଏନଏମ୍ମାନେ ଥର୍ମାଲ ସ୍କ୍ରିନିଂ ସହ ପଲ୍ସ ଅକ୍ସିମିଟରରେ ଯାଞ୍ଚ କରିବେ । କୌଣସି ବ୍ୟକ୍ତିଙ୍କ ଲକ୍ଷଣ ଥିବା ସନ୍ଦେହ ଦେଖାଦେଲେ ତାଙ୍କୁ ୭ ଦିନ ହୋମ ଆଇସୋଲେଶନରେ ରହିବାକୁ ପରାମର୍ଶ ଦିଆଯିବ । ପ୍ରତିଦିନ ଅଙ୍ଗନୱାଡି କର୍ମୀ ଓ ଆଶାକର୍ମୀମାନେ ସେମାନଙ୍କ ଘରକୁ ଯାଇ ସ୍ୱାସ୍ଥ୍ୟବସ୍ଥା ବୁଝିବେ । ଡାକ୍ତରଙ୍କ ପରାମର୍ଶକ୍ରମେ ଔଷଧ ପ୍ରଦାନ କରାଯିବ। ଦୈନିକ ରିପୋର୍ଟ କୋଭିଡ୍ ସେଲ୍କୁ ପଠାଯିବ । ଏଥିସହ ଟିଏମସି ଗୁଡିକରେ ମଧ୍ୟ ସ୍ୱାସ୍ଥ୍ୟ ସ୍କ୍ରିନିଂ କରିବାକୁ ସିଏଚସି ସୁପରିଣ୍ଟେଣ୍ଡେଣ୍ଟମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଡାକ୍ତରଙ୍କ ପରାମର୍ଶକ୍ରମେ ପଜିଟିଭ୍ ଓ ସନ୍ଦେହ ଥିବା ବ୍ୟକ୍ତିଙ୍କୁ କୋଭିଡ୍ କେୟାର ସେଣ୍ଟରକୁ ସ୍ଥାନାନ୍ତର କରାଯିବ । ଶନିବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏକ ସମନ୍ୱୟ ବୈଠକ କରି ଏହି ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ବିଡିଓ, ବିଏମ୍ସି କମିଶନର, ଏନଏସି ନିର୍ବାହୀଅଧିକାରୀ, ସିଏଚସି, ପିଏଚସି ସୁପରିଣ୍ଟେଣ୍ଡେଣ୍ଟ, ସିଡିପିଓମାନେ ଉପସ୍ଥିତ ଥିଲେ।

## ୨୪ ଘଣ୍ଟାରେ ୨.୬୮ ଲକ୍ଷ ଜରିମାନା ଆଦାୟ

### ଗଞ୍ଜାମ ପୋଲିସ ଜିଲାରେ ମାସ୍କ, ଗାଡ଼ି ଯାଞ୍ଚ

**ଛତ୍ରପୁର,(ଡି.ଏନ.ଏ.)**

ମୁଖ୍ୟମନ୍ତ୍ରୀ ଓ ଡିଜିପିଙ୍କ ନିର୍ଦ୍ଦେଶକ୍ରମେ ଗଞ୍ଜାମ ପୋଲିସ ଜିଲା ପକ୍ଷରୁ ସମସ୍ତ ଥାନା ଅଞ୍ଚଳରେ ମାସ୍କ, ସାମାଜିକ ଦୂରତା ଓ ଗାଡିମୋଟର ଯାଞ୍ଚ ଚାଲିଛି। ଗତ ୨୪ ଘଣ୍ଟାରେ ଏହି ପୋଲିସ ଜିଲାରେ ଅମାନିଆ ଗାଡ଼ିଚାଳକ ଓ କୋଭିଡ୍ ନିୟମ ଖିଲାପକାରୀଙ୍କ ଠାରୁ ୨ ଲକ୍ଷ ୬୮ ହଜାର ୯୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିବା ଏସ୍ପି ବ୍ରିଜେଶ କୁମାର ରଏ ଟୁଇଟ୍ କରି ସୂଚନା ଦେଇଛନ୍ତି। ଏଥିସହ ୪ ଜଣଙ୍କର ଡ୍ରାଇଭିଂ ଲାଇସେନ୍ସ ଜବତ କରାଯାଇ ରଦ୍ଦ କରିବାକୁ ଆରଟିଓଙ୍କୁ ପଠାଯାଇଛି। ବେଆଇନ୍ ମଦ କାରବାର ଉପରେ ଚଢାଉ କରାଯାଇ ୮ ଜଣଙ୍କୁ ଗିରଫ କରାଯିବା ସହ ୧୭୩.୭ ଲିଟର ମଦ ଜବତ ହୋଇଥିବା ଏସ୍ପି ସୂଚନା ଦେଇଛନ୍ତି।

## ୫-ଟି ଅନ୍ତର୍ଭୁକ୍ତ ହେଲା ଦୂତିପଡ଼ା ବିଦ୍ୟାଳୟ



ଭିଡିଓ କନଫରେନ୍ସ ବୈଠକରେ ଆଲୋଚନା ଚାଲିଛି।

**ଖଜୁରିପଡ଼ା/ବଲସକୁମ୍ପା, ୧୦।୪(ଡି.ଏନ.ଏ.)**

କନ୍ଧମାଳ ଜିଲାର ୧୦ ସରକାରୀ ଉଚ୍ଚ ବିଦ୍ୟାଳୟକୁ ୫-ଟିରେ ଅନ୍ତର୍ଭୁକ୍ତ କରାଯାଇଛି। ସେଥିରୁ ଖଜୁରିପଡ଼ା ବ୍ଲକ ଦୂତିପଡା ସରକାରୀ ଉଚ୍ଚ ବିଦ୍ୟାଳୟ ୫-ଟିରେ ଅନ୍ତର୍ଭୁକ୍ତ ହୋଇଛି ଏବଂ ସ୍ମାର୍ଟ ସ୍କୁଲ କରାଯିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ତେଣୁ ଏହି ବିଦ୍ୟାଳୟକୁ ରୂପାନ୍ତରୀକରଣ କରି ଗୁଣାତ୍ମକ ଶିକ୍ଷାର ମାନ ବୃଦ୍ଧି, ଶିକ୍ଷକ ବାତାବରଣ ତଥା ସିବିଓଏସ୍ ମାଧ୍ୟମରେ ଆକର୍ଷଣକାରୀ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ ଶୁକ୍ରବାର ବ୍ଲକ ସଭାଗୃହରେ ଏକ ଭିଡିଓ କନଫରେନ୍ସ ବୈଠକ ହୋଇଥିଲା। ବୈଠକରେ ବ୍ଲକ ପ୍ରଶାସନିକ ଅଧିକାରୀଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ସଚିବ ଭିକେ ପାଣ୍ଡିଆନ୍ଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ବୈଠକରେ ବ୍ଲକ ପ୍ରଶାସନ ତରଫରୁ ବିଡିଓ ରବୀନ୍ଦ୍ର ନାଥ କହଁର, ଅଧ୍ୟକ୍ଷ ବୀରେନ୍ଦ୍ର କୁମାର କହଁର, ଉପାଧ୍ୟକ୍ଷ ସୌଦାମିନୀ କହଁର, ଏବିଡିଓ ଦିବ୍ୟସିଂହ କହଁର, ସହକାରୀ ଯନ୍ତ୍ରୀ ଉମେଶ ଚନ୍ଦ୍ର ସାହୁ, କନିଷ୍ଠ ଯନ୍ତ୍ରୀ ସନ୍ତୋଷୀ ସାହୁ, ଜିପିଓ ସୋନମ୍ ବେହେରା, ଦୂତିପଡା ଗ୍ରାମପଞ୍ଚାୟତର ସରପଞ୍ଚ ଭାନୁପ୍ରିୟା ଜାନି, ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁନିଲ କୁମାର ବେହେରା, ପ୍ରଧାନ ଶିକ୍ଷୟିତ୍ରୀ ଅର୍ଚ୍ଚନା ବାସା ଓ ଛାତ୍ର ରଞ୍ଜନ, ଛାତ୍ରୀ ସମୀକ୍ଷା ପ୍ରମୁଖ ଉପସ୍ଥିତ ଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ଉପସଚିବଙ୍କ ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ


ଉପସଚିବ ଶୁଭ୍ରାଂଶୁ ମିଶ୍ର ଶେରଗଡ଼ ଡାକ୍ତରଖାନା ପରିଦର୍ଶନ କରୁଛନ୍ତି।

**ହିଞ୍ଜିଳିକାଟୁ/ଶେରଗଡ଼, ୧୦।୪(ଡି.ଏନ.ଏ.)**

ମୁଖ୍ୟମନ୍ତ୍ରୀଙ୍କ ଉପସଚିବ ଶୁଭ୍ରାଂଶୁ ମିଶ୍ର ଶନିବାର ହିଞ୍ଜିଳିକାଟୁ ଓ ଶେରଗଡ଼ ଗସ୍ତରେ ଆସି ବିଭିନ୍ନ ସ୍କୁଲରେ ଚାଲିଥିବା ସ୍ମାର୍ଟ କ୍ଲାସ ପରିଦର୍ଶନ କରିଛନ୍ତି। ହିଞ୍ଜିଳିକାଟୁର ବେଲଗାଁରେ ପହଞ୍ଚି ସ୍ୱାସ୍ଥ୍ୟକେନ୍ଦ୍ର, ସ୍କୁଲ, ଗଣ୍ଡଳା ହାଇସ୍କୁଲ, ବାଳକୃଷ୍ଣପୁର ହାଇସ୍କୁଲ, ନନ୍ଦିକଠାରେ ସିଂହ ବାହିନୀ ଏସ୍ଏଚ୍ଜି, ରାଳବ ହାଇସ୍କୁଲ, ଶାସନଆମ୍ବଗାଁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଦାରୁଭଦ୍ରା, ସାପୁଆପଲୀ ଆଦି ପହଞ୍ଚି ସ୍ମାର୍ଟ କ୍ଲାସଗୁଡ଼ିକ ବୁଲି ଦେଖିଥିଲେ। ପରେ ସ୍ଥାନୀୟ ଇନ୍ଡୋର ଷ୍ଟାଡିୟମ ବୁଲି ଦେଖିବା ସହ ବ୍ଲକରେ ପଞ୍ଚାୟତ ପ୍ରତିନିଧି ଓ ପୌରାଞ୍ଚଳର ନେତୃମଣ୍ଡଳୀ ସହ ଆଲୋଚନା କରିଥିଲେ। ସେଠାରୁ ସେ ଶେରଗଡ଼ ବ୍ଲକର ବିଭିନ୍ନ ଉନ୍ନୟନ ପ୍ରକଳ୍ପ ଓ ସ୍ମାର୍ଟ କ୍ଲାସ ଦେଖି ଫେରିଛନ୍ତି। ପିତ୍ତଳ ଉଚ୍ଚ ବିଦ୍ୟାଳୟ ଯାଇ ସେଠାରେ ସମସ୍ତ ନିର୍ମାଣାଧୀନ ଡିଜିଟାଲ ଶ୍ରେଣୀ ଓ ନରେନ୍ଦ୍ରପୁର ଉଚ୍ଚ ବିଦ୍ୟାଳୟର ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଯୋଜନାରେ ଚାଲିଥିବା ଡିଜିଟାଲ କ୍ଲାସ୍ଗୁଡ଼ିକ ବୁଲି ଦେଖିବା ସହ ମେ ୧୫ ଭିତରେ ତୁରନ୍ତ କାର୍ଯ୍ୟ ସାରିବାକୁ ଯନ୍ତ୍ରୀ ଓ ବିଦ୍ୟାଳୟ ଶିକ୍ଷା କର୍ମିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେଠାରୁ ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ ଯାଇ ବିଦ୍ୟାଳୟର ପରିବେଶ ଠିକ୍ କରିବାକୁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ କହିଛନ୍ତି। ପରେ ସ୍ଥାନୀୟ ଡାକ୍ତରଖାନା ବୁଲିବା ସହ ଉପସଚିବ ବ୍ଲକ୍କୁ ଯାଇ ସ୍ଥାନୀୟ ନେତା, ଜନପ୍ରତିନିଧି, ନିର୍ବାଚିତ ପ୍ରତିନିଧିଙ୍କୁ ନେଇ ଏକ ବୈଠକ କରିଥିଲେ। ବୈଠକରେ ଶେରଗଡ଼ରେ ଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରି ସେଗୁଡ଼ିକୁ ସମାଧାନ କରିବାକୁ କହିଥିଲେ। ୩ ବର୍ଷ ହେଲା କାର୍ତ୍ତିପୁର ଗ୍ରାମକୁ ରାସ୍ତା ନାହିଁ, ଏଦିଗରେ ଦୃଷ୍ଟି ଦିଆଯାଉ ବୋଲି ଗ୍ରାମବାସୀ ପ୍ରମାନନ୍ଦ ପଣ୍ଡା ଏକ ପତ୍ର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପ୍ରେରଣ କରିବାକୁ କହିଥିଲେ। ଉକ୍ତ ପରିଦର୍ଶନରେ ମୁଖ୍ୟମନ୍ତ୍ରୀଙ୍କ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରତିନିଧି ଶରତ ଚନ୍ଦ୍ର ମହାପାତ୍ର, ଛତ୍ରପୁର ଉପଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି, ବିଡିଓ, ତହସିଲଦାର ଡ.ଦୟାସିନ୍ଧୁ ପରିଡା, ବ୍ଲକ ଅଧ୍ୟକ୍ଷା ସାରସ ସ୍ୱାଇଁ, ବ୍ଲକ ବିଜେଡି ସଭାପତି ଶରତଚନ୍ଦ୍ର ପାତ୍ର, ବାବୁଲା କୁମାର ଚୌଧୁରୀ, ଦିଗାମ୍ବର ନାହାକ, ପ୍ରମୋଦ କୁମାର ପାତ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ମହିନ୍ଦ୍ର କୁମାର ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

## ଓକିଲ ସଂଘ ବୈଠକ

**ବୁଗୁଡ଼ା,୧୦।୪(ଡି.ଏନ୍.ଏ.)**

ବୁଗୁଡ଼ା ଓକିଲ ସଂଘର ସାଧାରଣ ବୈଠକ ଶନିବାର କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ହର ପ୍ରସାଦ ଦାଶଙ୍କ ଅଧ୍ୟକ୍ଷତାରେ ଉପସଭାପତି ପ୍ରକାଶ ଚନ୍ଦ୍ର ଆରୁଖ, ସମ୍ପାଦକ ସୁଶାନ୍ତ ଡାକୁଆ, ସହସମ୍ପାଦକ ସୀମାଞ୍ଚଳ ନନ୍ଦ, କୋଷାଧ୍ୟକ୍ଷ ମାନସ କୁମାର ଦାଶ, କାର୍ଯ୍ୟକାରୀ ସଦସ୍ୟ ଅନିଲ ପଟ୍ଟନାୟକ, ମନୋଜ କୁମାର ପାଣିଗ୍ରାହୀ, ନଟବର ଜେନା ପ୍ରମୁଖ ବୈଠକରେ ଆୟବ୍ୟୟ ସମ୍ପର୍କରେ ଆଲୋଚନା ହୋଇଥିଲା। ରାଜ୍ୟ ବାର କାଉନ୍ସିଲର ନିର୍ଦ୍ଦେଶକ୍ରମେ ବୁଗୁଡ଼ା ଓକିଲ ସଂଘର ଉପଦେଷ୍ଟା କମିଟି, ଉନ୍ନୟନ କମିଟି, ଶୃଙ୍ଖଳା କମିଟି ଓ ସାଂସ୍କୃତିକ କମିଟି ଗଠନ କରାଯାଇଥିଲା। ଏଥିରେ ସରୋଜ ଚନ୍ଦ୍ର ସାହୁ, ଟି. ସୁଦର୍ଶନ ପାତ୍ର, କାହ୍ନୁ ବୈକୁଣ୍ଠ ବିହାରୀ, ସତ୍ୟ ନାରାୟଣ ମିଶ୍ର, ରଞ୍ଜନ କୁମାର ଦାଶ, ଅମର ପଟ୍ଟନାୟକ, ବ୍ରହ୍ମାନନ୍ଦ ରେଡ୍ଡୀ, ଲକ୍ଷ୍ମୀ ମିଶ୍ର, ବିଭୁଦତ୍ତ ନାୟକ, ସାଇ ସନ୍ତୋଷିନୀ ପ୍ରଧାନ ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା।

## ଅରେଞ୍ଜ ୱାରିଅସ ଚାମ୍ପିୟନ

### ମା ବ୍ରାହ୍ମଣୀ ଦେବୀ ପ୍ରିମିୟର ଲିଗ


ଅତିଥିଙ୍କ ଦ୍ୱାରା ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି।

**ଖଲ୍ଲିକୋଟ,୧୦।୪(ଡି.ଏନ.ଏ.)**

ଖଲ୍ଲିକୋଟ ଏନ୍ଏସି ଶ୍ୟାମସୁନ୍ଦରପୁର ଗ୍ରାମରେ ଅନୁଷ୍ଠିତ ମା' ବ୍ରାହ୍ମଣୀ ଦେବୀ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟର ଶନିବାର ଫାଇନାଲ ମ୍ୟାଚରେ ଅରେଞ୍ଜ ୱାରିଅସ ଟିମ୍ ଚାମ୍ପିୟନ ହୋଇଛି। ଏପ୍ରିଲ ୧ ତାରିଖରୁ ଆରମ୍ଭ ହୋଇଥିବା ମ୍ୟାଚ୍ରେ ଶାଇମଷ୍ଟାର ଇଲେଭେନ ସହ ଅରେଞ୍ଜ ୱାରିଅସ ଟିମ ମଧ୍ୟରେ ୧୫ ଓଭରିଆ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଅରେଞ୍ଜ ୱାରିଅସ ୧୭୧ ରନ କରିଥିବା ବେଳେ ଶାଇମଷ୍ଟାର ଇଲେଭେନ ୧୧୪ ରନ କରି ପରାଜିତ ହୋଇଥିଲା। ରନର ଟିମ୍କୁ ଟ୍ରଫି ସହ ୧୦ ହଜାର ଟଙ୍କା ଓ ୱିନର ଟିମ୍କୁ ଟ୍ରଫି ସହ ୧୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ମ୍ୟାଚରେ ମୁଖ୍ୟଅତିଥି ଭାବେ ଗଞ୍ଜାମ ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାଏକ ଯୋଗ ଦେଇଥିଲେ। ସେହିପରି ଭାଜପା ବରିଷ୍ଠ ନେତ୍ରୀ ଭାରତୀ ବେହେରା, ଅନିଲ ପଣ୍ଡା, ବରିଷ୍ଠ ଆଇନଜୀବୀ ଗୋବିନ୍ଦ ଆଚାର୍ଯ୍ୟ, ସ୍ମୃତିରଞ୍ଜନ ମହାନ୍ତି, ମନୋଜ କୁମାର ସାହୁ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଅରୁଣ ପଣ୍ଡା, ବ୍ରଜ କିଶୋର ସ୍ୱାଇଁ, ପଦ୍ମ ସୁବୁଦ୍ଧି, ଅଶୋକ ଦାସ, ଯଜ୍ଞେଶ୍ୱର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସାଗର ପ୍ରଧାନଙ୍କୁ ମ୍ୟାନ ଅଫ ଦି ସିରିଜ ପୁରସ୍କାର ଦିଆଯାଇଥିଲା। ଖଲ୍ଲିକୋଟ ଏନ୍ଏସି ପୂର୍ବତନ ଅଧ୍ୟକ୍ଷ ଶଙ୍କର ପ୍ରସାଦ ନାହାକ ଏହାକୁ ପରିଚାଳନା କରିଥିଲେ।

## ଚଣାପଦର ମାଇକ୍ରୋ କଣ୍ଟେନ୍ମେଣ୍ଟ

**ବାଲିଗୁଡ଼ା,୧୦।୪(ଡି.ଏନ.ଏ.):** ବାଲିଗୁଡ଼ା ଉପଖଣ୍ଡ ଅନ୍ତର୍ଗତ କ.ନୂଆଗାଁ ବ୍ଲକର ଚଣାପଦର ଅଞ୍ଚଳରୁ ଦୁଇଜଣ ପଜିଟିଭ ଚିହ୍ନଟ ହେବାପରେ ପ୍ରଶାସନ ପକ୍ଷରୁ ଉକ୍ତ ଅଞ୍ଚଳକୁ ୭ ଦିନ ଯାଏଁ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି। ସେପଟେ ଦିନକୁ ଦିନ ରାଜ୍ୟରେ ସଂକ୍ରମଣ ବୃଦ୍ଧି ପାଉଥିବାରୁ ମୁଖ୍ୟମନ୍ତ୍ରୀ ୧୪ ଦିନିଆ ସ୍ପେସାଲ ଡ୍ରାଇଭ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ବାଲିଗୁଡ଼ା, କ.ନୂଆଗାଁ, ଦାରିଙ୍ଗବାଡ଼ି, କୋଟଗଡ଼, ତୁମୁଡ଼ିବନ୍ଧ ଅଞ୍ଚଳରେ ପୋଲିସ ପକ୍ଷରୁ ମାସ୍କ ଚେକିଂ କଡ଼ାକଡ଼ି କରାଯାଇଛି।

## ଚିନିଶିଳ୍ପ ଏମ୍ଡିଙ୍କୁ ଆକ୍ରମଣ ଅଭିଯୋଗ, ୭ ଗିରଫ

**ଆସିକା,୧୦।୪(ଡି.ଏନ.ଏ.)**

ଆସିକା ସମବାୟ ଚିନିଶିଳ୍ପର ପରିଚାଳନା ନିର୍ଦ୍ଦେଶକ (ଏମ୍ଡି) ମନୋରଞ୍ଜନ ନାୟକଙ୍କୁ ଶୁକ୍ରବାର ସନ୍ଧ୍ୟାରେ ଚିନିଶିଳ୍ପ ଫାଟକ ନିକଟରେ ମରଣାନ୍ତକ ଆକ୍ରମଣ ଓ ଭଙ୍ଗାରୁଜା ଅଭିଯୋଗରେ ଅଟକ ୭ ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଖଗେଶ୍ୱର ଜେନା, ଗଦାଧର ଗୌଡ, ପ୍ରଶାନ୍ତ ଗୌଡ, ମୁରଲିଧର ବିଷୋୟୀ, ଜଗନ୍ନାଥ ପରିଡା, ମନୋଜ କୁମାର ନାହାକ ଓ ପ୍ରଶାନ୍ତ ନାହାକ। ମାମଲା ନଂ.୨୨୬/୨୧ରେ ସମସ୍ତ ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି। ଏହି ମାମଲାରେ ୨୫ରୁ ଊର୍ଦ୍ଧ୍ୱ ଅଭିଯୁକ୍ତ ଅଛନ୍ତି। ଶ୍ରମିକ ନେତା ବିଜୟ କୁମାର ସ୍ୱାଇଁ ଓ ଅନିଲ କୁମାର ପରିଡା ଫେରାର ଅଛନ୍ତି। ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ଲାଗି ଉଦ୍ୟମ ଜାରି ରହିଥିବା ଥାନାଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି। ଚିନିଶିଳ୍ପ ବଟଲିଂ ପ୍ଲାଣ୍ଟର ଶ୍ରମିକମାନେ କେତେକ ଦାବି ନେଇ କାରଖାନା ସମ୍ମୁଖରେ ଧାରଣା ଦେଇଥିଲେ। ଦିନତମାମ ଶ୍ରମିକଙ୍କ ଘେରରେ ରହିଥିବା ଚିନିଶିଳ୍ପ ପରିଚାଳନା ନିର୍ଦ୍ଦେଶକ ନାୟକ ଅସୁସ୍ଥ ହେବାରୁ ପୋଲିସ ଓ ପ୍ରଶାସନିକ ଅଧିକାରୀ ତାଙ୍କୁ ଡାକ୍ତରଖାନା ଆଣିବାକୁ ବାହାରକୁ ଆସିବା ବେଳେ ଫାଟକ ନିକଟରେ ଶ୍ରମିକମାନେ ପରିଚାଳନା ନିର୍ଦ୍ଦେଶକଙ୍କୁ ଅଟକାଇ ଗାଳିଗୁଲଜ ଦେବା ସହ ଗାଡି ଉପରକୁ ପଥର ମାଡ କରିଥିଲେ। ଏ ନେଇ ନାୟକ ଆସିକା ଥାନାରେ ଅଭିଯୋଗ କରିଥିଲେ।

## ଜୈବପୁଞ୍ଜ ମାଛଚାଷ କ୍ଷେତ୍ର ପ୍ରଦର୍ଶନ


ଅଧିକାରୀମାନେ ମାଛ ଚାଷ ଦେଖୁଛନ୍ତି।

**ଫୁଲବାଣୀ ଅଫିସ, ୧୦।୪**

କନ୍ଧମାଳ ଜିଲାରେ ଜୈବପୁଞ୍ଜ ମାଧ୍ୟମରେ ମାଛ ଚାଷକୁ ବ୍ୟାପକ କରାଯାଉଛି । ଲୋକେ ମାଛଚାଷ କରି କିପରି ଅଧିକ ଲାଭବାନ ହେବେ ସେଥିଲାଗି ପ୍ରଚେଷ୍ଟା ଜାରି ରହିଛି । ଜିଲା ମତ୍ସ୍ୟ ବିଭାଗ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ଅଧିକାରୀ ଏବଂ ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତାମାନେ ବିଭିନ୍ନ ବ୍ଲକ ଯାଇ କ୍ଷେତ୍ର ପ୍ରଦର୍ଶନ କରିଛନ୍ତି। ଏହି କ୍ରମରେ ଏମାନେ ଚକାପାଦ ବ୍ଲକ ଶଗଡ଼ାସାହିର ପ୍ରିୟରଞ୍ଜନ ମହାନ୍ତି, ବ୍ରାହ୍ମଣପାଦ ଗ୍ରାମର ସୁମନ୍ତ ବେହେରା ଜୈବପୁଞ୍ଜ ମାଧ୍ୟମରେ କରିଥିବା ମାଛଚାଷ ଦେଖିଥିଲେ। ମାଛ ଚାଷୀଙ୍କଠାରୁ ଏହି ଚାଷ ପ୍ରଣାଳୀ ଓ ଏଥିରେ ପାଉଥିବା ଲାଭ ବିଷୟରେ ପଚାରି ବୁଝିଥିଲେ। ସୁମନ୍ତ ୨ଟି ଜୈବକୁଣ୍ଡ କରି ଗୋଟିକରେ ବଡ଼ ଯାଆଁଳ ଓ ଅନ୍ୟଟିରେ ମାଛ ଚାଷ କରୁଛନ୍ତି। ଅମୁର କର୍ପ, ବିଲାତି ରୋହି, ଭାକୁର ଓ ରୋହି ଯାଆଁଳ ରଖି ଅଙ୍ଗୁଳି ଲମ୍ବର ଯାଆଁଳ ଗୋଟା ପ୍ରତି ୫ ରୁ ୧୦ ଟଙ୍କା ହିସାବରେ ବିକ୍ରି କରୁଛନ୍ତି। ଗୋଟିଏ କୁଣ୍ଡରୁ ୩ ମାସରେ ସେ ୧୨ ହଜାର ଟଙ୍କା ଲାଭ ପାଇପାରିଛନ୍ତି। ଅନ୍ୟ କୁଣ୍ଡରେ ହାରାହାରି ୫୦ ଗ୍ରାମ୍ର ୮୦୦ଟି ଭାକୁର ରୋହି ୨ ମାସ ପୂର୍ବରୁ ଛାଡ଼ିଥିଲେ । ଏବେ ମାଛ ବଢ଼ି ପ୍ରାୟ ୨୦୦ ଗ୍ରାମର ହେଲେଣି। ୩/୪ମାସ ମଧ୍ୟରେ ମାଛଗୁଡ଼ିକ ୨୫୦ରୁ ୩୦୦ ଗ୍ରାମର ହେଲେ ବିକ୍ରି କରିବେ ବୋଲି ସୁମନ୍ତ କହିଛନ୍ତି। ପରେ ପରିଦର୍ଶନକାରୀ ଦଳ ଶଗଡ଼ାସାହିର ପ୍ରିୟରଞ୍ଜନଙ୍କ ଜୈବପୁଞ୍ଜ ମାଛଚାଷ କ୍ଷେତ୍ର ପରିଦର୍ଶନ କରିଥିଲେ। ପ୍ରିୟରଞ୍ଜନ ୪ଟି ଜୈବକୁଣ୍ଡ ପ୍ରସ୍ତୁତ କରି ସମୁଦାୟ ୪ହଜାର ଅମୁର କର୍ପ, ବିଲାତି ରୋହି, ଭାକୁର ମାଛ ଯାଆଁଳ ଛାଡ଼ିଛନ୍ତି। ଏବେ ପ୍ରତି ମାଛର ଓଜନ ହାରାହାରି ୨୦୦ ଗ୍ରାମ। ୩ ରୁ ୪ ମାସ ମଧ୍ୟରେ ୪୦୦ ରୁ ୫୦୦ ଗ୍ରାମ ହେଲେ ମାଛ ଧରାହେବ ବୋଲି କହିଛନ୍ତି। ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ବୀରେନ୍ଦ୍ର କୁମାର ଦାସ ଜିଲାର ଆଦିବାସୀ ଅଧ୍ୟୁଷିତ ଗ୍ରାମରେ କ୍ଲଷ୍ଟର ଭିତିକ ଜୈବପୁଞ୍ଜ କୁଣ୍ଡରେ ମାଛ ଚାଷ ପ୍ରସ୍ତୁତି କରି ମିଶନ ଜୀବିକା ଯୋଜନାରେ ଆଦିବାସୀ ମାନଙ୍କର ଜୀବନ ଜୀବିକାରେ ଉନ୍ନତି ଆଣିବା ପାଇଁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି।

## ବିଭିନ୍ନ ସ୍ଥାନରେ ଜାତୀୟ ଲୋକ ଅଦାଲତ

**ଦିଗପହଣ୍ଡି,୧୦।୪(ଡି.ଏନ.ଏ.)**


ଦିଗପହଣ୍ଡି ଅଦାଲତରେ ଉପସ୍ଥିତ ମାଜିଷ୍ଟ୍ରେଟ ଏବଂ କୋର୍ଟ କର୍ମଚାରୀ।

ଦିଗପହଣ୍ଡି କୋର୍ଟ ପରିସରରେ ଶନିବାର ଜାତୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ଦିଗପହଣ୍ଡିସ୍ଥିତ ପ୍ରଥମ ଶ୍ରେଣୀ ଅଦାଲତର ମାଜିଷ୍ଟ୍ରେଟ ସଞ୍ଜୟ କୁମାର ଶୁଭବ୍ରତ ଆଚାର୍ଯ୍ୟ ୬ଟି ଦେୱାନୀ ମାମଲା ଏବଂ ୧୯ଟି ଫୌଜଦାରି ମାମଲାର ଚୂଡାନ୍ତ ଫଇସଲା କରିଥିଲେ। ସରକାରୀ ଓକିଲ ନକୁଳ ପ୍ରଧାନ, ଆଇନଜୀବୀ ଅଶେଷ ନାଥ ମିଶ୍ର, ପରେଶ ଚନ୍ଦ୍ର ରଥ, ଗିରିଜା ନନ୍ଦନ ମେକାପ, ପ୍ରିୟ ରଞ୍ଜନ ପଟ୍ଟନାୟକ, ବିଜୟ କୁମାର ପ୍ରଧାନ, ରତ୍ନାକର ମେକାପ, ରସାନନ୍ଦ ରାଉତ, ମଞ୍ଜୁଳା ଲେଙ୍କା, କିଶୋର ଚନ୍ଦ୍ର ଗୌଡ଼ ପ୍ରମୁଖ ଆଇନଜୀବୀ ଉପସ୍ଥିତ ଥିଲେ। କୋର୍ଟ କର୍ମଚାରୀ ଭିକାରୀ ବେହେରା, ନୃସିଂହ ଚରଣ ଦାସ, ରଞ୍ଜିତ କୁମାର ବେହେରା, ଶିବ ଶଙ୍କର ମହାରଣା, ଅଞ୍ଜଳି ମହାରଣା, ନିକିତା ନାୟକ, ପୂର୍ଣ୍ଣଚନ୍ଦ୍ର ପାତ୍ର, କାଳିଆ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଆସିକା:** ଆସିକା ତାଲୁକା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଅନୁଷ୍ଠିତ ରାଷ୍ଟ୍ରୀୟ ଲୋକ ଅଦାଲତରେ ୨୬ଟି ମାମଲାର ବିଚାର କରାଯାଇ ୯୭ଲକ୍ଷ ୪୨ହଜାର ୭ଶହ ୫୧ଟଙ୍କା ଆଦାୟ କରାଯାଇଛି । ସେଥିମଧ୍ୟରେ ବ୍ୟାଙ୍କ ଋଣ ଦେଣନେଣ ସମ୍ପର୍କିତ ୫ ମାମଲାର ଫଇସଲା କରାଯାଇ ୪ଲକ୍ଷ ୫୧ହଜାର ୩ଶହ ୫୧ ଟଙ୍କା ଆଦାୟ କରାଯାଇଥିବା ବେଳେ ମୋଟରଯାନ ଦୁର୍ଘଟଣାଜନିତ ୧୬ ମାମଲାର ବିଚାର କରାଯାଇ ୯୨ଲକ୍ଷ ୬୧ହଜାର ୪ଶହ ଟଙ୍କା ଆଦାୟ ହୋଇଛି । ୫ଟି ଫୌଜଦାରୀ ମାମଲାର ମଧ୍ୟ ବିଚାର କରାଯାଇଛି । ପ୍ରାଧୀକରଣର ଅଧ୍ୟକ୍ଷା ତଥା ଅତିରିକ୍ତ ଜିଲାଜଜ୍ ରାଜଲକ୍ଷ୍ମୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ବରିଷ୍ଠ ଦେୱାନୀ ବିଚାରପତି ସୁଜାତା ପ୍ରିୟମ୍ବଦା ସ୍ୱାଇଁ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶର୍ମିଷ୍ଠା ଜେନା, ସ୍ୱର୍ଣ୍ଣପ୍ରଭା ସ୍ୱାଇଁ, ଶ୍ରୀୟା ରତ୍ନପର୍ଣ୍ଣା ସାହୁ ପ୍ରମୁଖ ମାମଲାର ବିଚାର କରିଥିଲେ।

**ପୁରୁଷୋତ୍ତମପୁର:** ପୁରୁଷୋତ୍ତମପୁର ଠାରେ ଆୟୋଜିତ ଜାତୀୟ ଲୋକ ଅଦାଲତରେ ବିଚାରପତି ଦିଲୀପ କୁମାର ବାରିକ ଉପସ୍ଥିତ ରହି ୬ ଗୋଟି ଫୌଜଦାରି ମାମଲା, ୨ ଗୋଟି ଦେୱାନୀ ମାମଲା ସହ ୩ ଗୋଟି ଚେକ୍ ବାଉନ୍ସ ମାମଲାର ବିଚାର କରି ଫଇସଲା କରିଛନ୍ତି। ଏ ବାବଦରେ ୪୪,୬୫୫ ଟଙ୍କା ରାଜସ୍ୱ ଆଦାୟ ହୋଇଛି। ଏହାକୁ ସରକାରୀ ଓକିଲ ପ୍ରକାଶ ଚନ୍ଦ୍ର ତ୍ରିପାଠୀ, ସତ୍ୟବ୍ରତ ମହାନ୍ତି, କୋର୍ଟ କର୍ମଚାରୀ ଗଗନ କୁମାର ପାଣିଗ୍ରାହୀ, ପ୍ରଶନ କୁମାର ବେହେରା, ମମତା ମଞ୍ଜରୀ ମହାପାତ୍ର ପରିଚାଳନା କରିଥିଲେ।

**ଭଞ୍ଜନଗର:** ଭଞ୍ଜନଗର ତାଲୁକା ଆଇନ ସହାୟତା ସଂସ୍ଥା ପକ୍ଷରୁ ଶନିବାର ଅନୁଷ୍ଠିତ ଜାତୀୟ ଲୋକ ଅଦାଲତରେ ୮୬ଟି ମାମଲାର ଫଇସଲା କରାଯାଇଛି। ଏଡିଜେ ଡ. ଅରୁଣ କୁମାର ସାହୁ, ସବ୍ଜଜ୍ ବେଦ ପ୍ରକାଶ, ଏସ୍ଡିଜେଏମ୍ ଯୁଧିଷ୍ଠିର ଦଳେଇ, ଜେଏମ୍ଏଫସି ପ୍ରଜ୍ଞା ରାଉତ ମାମଲାଗୁଡ଼ିକର ବିଚାର କରିଥିଲେ। ସଭ୍ୟା ଡ଼. ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଅଳକା ମଞ୍ଜରୀ ପଟ୍ଟନାୟକ, ସୁଧାଂଶୁବାଳା ପଟ୍ଟନାୟକ, ବରିଷ୍ଠ ଆଇନଜୀବୀ ସୋମନାଥ ନାୟକ, ସନ୍ତୋଷ ତିଆଡ଼ି ପ୍ରମୁଖ ଏଥିରେ ସହଯୋଗ କରିଥିଲେ ।

## ମହାନଗରରେ ୮ କରୋନା ପଜିଟିଭ୍

**ବ୍ରହ୍ମପୁର ଅଫିସ:** ବ୍ରହ୍ମପୁର ମହାନଗରରେ ଶନିବାର ୮ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଚିହ୍ନଟଙ୍କ ମଧ୍ୟରୁ ଗୋସାଇଁନୂଆଗାଁ ଶାସ୍ତ୍ରୀନଗର ଅଞ୍ଚଳର ଜଣେ ପୁରୁଷ ଓ ଜଣେ ମହିଳା, ଗଜପତି ନଗର ୩ୟ ଲାଇନ୍‌ରେ ଜଣେ ପୁରୁଷ, ଶ୍ରୀ ଟାୱାର ଆପାର୍ଟମେଣ୍ଟରୁ ଜଣେ ମହିଳା ଓ ଜଣେ ପୁରୁଷ, ପୁରୁଣା ବ୍ରହ୍ମପୁର ଅଞ୍ଚଳର ଜଣେ ମହିଳା ଓ ଜଣେ ପୁରୁଷ ଏବଂ ଶ୍ରୀରାମ ନଗର ୭ମ ଲାଇନ୍‌ରୁ ଜଣେ ମହିଳା ସଂକ୍ରମିତ ହୋଇଛନ୍ତି।

## ସଂକ୍ଷେପରେ

### ଦ୍ୱିତୀୟ ସେମିଫାଇନାଲରେ ଅକ୍ସଫୋର୍ଡ଼ ବିଜୟୀ

**ବ୍ରହ୍ମପୁର ଅଫିସ,୧୦।୪:** ଇଣ୍ଟର କ୍ଲବ କ୍ରିକେଟ ଟୁର୍ନାମେଣ୍ଟ ଦ୍ୱିତୀୟ ସେମିଫାଇନାଲ ଗୁରୁବାର ଆଙ୍କୁଶପୁର ସ୍ଥିତ ଏସ୍‌ଏମ୍‌ଆଇଟି ଖେଳ ପଡ଼ିଆରେ ଅକ୍ସଫୋର୍ଡ଼ ଓ ଖଲ୍ଲିକୋଟ କ୍ରିକେଟ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅକ୍ସଫୋର୍ଡ଼ ଟିମ୍ ୧୨ ରନରେ ବିଜୟୀ ହୋଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂରେ ଅକ୍ସଫୋର୍ଡ଼ ଟିମ୍ ୧୬୫ ରନ ସଂଗ୍ରହ କରିଥିଲେ। ଦ୍ୱିତୀୟ ମ୍ୟାଚରେ ଖଲ୍ଲିକୋଟ ଟିମ୍ ୧୫୩ ରନରେ ପରାଜିତ ହୋଇଥିଲେ। ଏଥିରେ ଚୁଡ଼ାମଣି ପାଢ଼ୀ ଓ ସରୋଜ ପାଢ଼ୀ ଅମ୍ପାୟାର ଦାୟିତ୍ୱ ନିର୍ବାହ କରିଥିଲେ। ସ୍କୋରର ଭାବେ ବିବେକାନନ୍ଦ ରାଉତ ଓ ସତ୍ୟନାରାୟଣ ପରିଡ଼ା ମ୍ୟାଚ ପରିଚାଳନା କରିଥିଲେ। ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଏପ୍ରିଲ ୧୮ରେ ବ୍ରହ୍ମପୁର ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳପଡ଼ିଆଠାରେ ରାମେଶ୍ୱର ଓ ଅକ୍ସଫୋର୍ଡ଼ ଟିମ୍ ମଧ୍ୟରେ ଅନୁଷ୍ଠିତ ହେବ।

### ବୃନ୍ଦାବନ ସାବତଙ୍କ ଶ୍ରାଦ୍ଧବାର୍ଷିକୀ

**ବ୍ରହ୍ମପୁର ଅଫିସ,୧୦।୪:** କୃଷି କ୍ଷେତ୍ର କର୍ମଚାରୀ ସଂଘର ପୂର୍ବତନ ରାଜ୍ୟ ସଭାପତି ଓ ଗଞ୍ଜାମ ଜିଲାର ବରିଷ୍ଠ ସାମାଜିକ କର୍ମୀ ବୃନ୍ଦାବନ ସାବତଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶୁକ୍ରବାର ବ୍ରହ୍ମପୁର ଶିଳ୍ପାଞ୍ଚଳସ୍ଥ ସକଳେଶ୍ୱର ପୀଠ ପରିସରରେ ପାଳିତ ହୋଇଯାଇଛି। ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ବିଏମସିର ପୂର୍ବତନ ଡେପୁଟି ମେୟର ଜ୍ୟୋତ୍ସ୍ନା ନାୟକ, ବିଜେଡି ନେତା ଉମା ଚରଣ ନାୟକ, ଜଗନ୍ନାଥ ସାବତ, ଭାଜପା ନେତା କାହ୍ନୁ ଚରଣ ପତି, ବିଭୂତି ଜେନା, କାମନା ପାଢ଼ୀ, ପ୍ରଭାତ ଷଡ଼ଙ୍ଗୀ, ନୀଳକଣ୍ଠ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଶିଳ୍ପାଞ୍ଚଳ ବଣିକ ସଂଘ ସଭାପତି ପଞ୍ଚାନନ ଚୌଧୁରୀ ଓ ଅଞ୍ଚଳର ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ସ୍ୱର୍ଗତ ସାବତଙ୍କ ସ୍ମୃତିଚାରଣ କରାଯାଇଥିଲା। ତାଙ୍କ ପୁତ୍ର ସରୋଜ ସାବତ, ସଞ୍ଜୟ ସାବତ, କନ୍ୟା ସୁଜତା ସାବତ ଓ ପରିବାରର ଅନ୍ୟମାନେ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସୂଚନାଯୋଗ୍ୟ ବୃନ୍ଦାବନ ଚାକିରୀରୁ ଅବସର ଗ୍ରହଣ ପରେ ମଧ୍ୟ ଶ୍ରମିକ ଓ କର୍ମଚାରୀଙ୍କ ସ୍ୱାର୍ଥ ପାଇଁ ଲଢ଼େଇ କରୁଥିଲେ।

### କେଏସ୍‌ୟୁବି କଲେଜରେ ଶୋକସଭା

**ଭଞ୍ଜନଗର,୧୦।୪(ଡି.ଏନ.ଏ):** ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ (କେଏସ୍‌ୟୁବି) ମହାବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗର ଅବସରପ୍ରାପ୍ତ କର୍ମଚାରୀ ପି.କେ.ମିଶ୍ର (୬୮)ଙ୍କ ଶୁକ୍ରବାର ରାତିରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଶନିବାର ଭେଜିପୁଟ ଶ୍ମଶାନରେ ତାଙ୍କର ଅନ୍ତିମ ସତ୍କାର କରାଯାଇଛି। ଏଥିପାଇଁ କଲେଜରେ ଅଧକ୍ଷ ଡ଼.ସୁବାସ ଚନ୍ଦ୍ର ପ୍ରଧାନଙ୍କ ଅଧକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ସେହିପରି ଗଞ୍ଜାମ ଜିଲା ଅବସରପ୍ରାପ୍ତ ସହ ଶିକ୍ଷା ଅଧିକାରୀ କିଶୋର ଚନ୍ଦ୍ର ମିଶ୍ର (୮୭)ଙ୍କ ଶୁକ୍ରବାର ବିଳମ୍ବିତ ରାତିରେ ବିୟୋଗ ହୋଇଛି। ଲଣ୍ଡେଇସାହିସ୍ଥିତ ବାସଭବନରେ ବହୁ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଛନ୍ତି।

### କରୋନା ସଚେତନତା

**ପାତ୍ରପୁର,୧୦।୪(ଡି.ଏନ.ଏ.):** କରୋନାର ଦ୍ୱିତୀୟ ଲହରକୁ ଦୃଷ୍ଟିରେ ରଖି ଗଞ୍ଜାମ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଶନିବାର ପାତ୍ରପୁରରେ କରୋନା ସଚେତନତା କରାଯାଇଛି। ତହସିଲଦାର ଅମିତ କୁମାର ନାୟକ ଓ ତାଙ୍କ ଟିମ୍ ପାତ୍ରପୁର ବଜାର, ବସଷ୍ଟାଣ୍ଡ, ସାମାନ୍ତିଆପଲ୍ଲୀ ଏବଂ କେଲୁଆ ବଜାରରେ ମାଇକ ଯୋଗେ ସଚେତନ କରିବା ସହ ସମସ୍ତେ ମାସ୍କ ବ୍ୟବହାର କରିବା ନିମନ୍ତେ ଦୋକାନୀଙ୍କୁ ପଞ୍ଚସୂତ୍ର ମାନିବାକୁ କୁହାଯାଇଛି। କଟକଣା ନ ମାନିଲେ ଅମାନିଆଙ୍କଠାରୁ ଜରିମାନା ଆଦାୟ କରାଯିବ ବୋଲି ତହସିଲଦାର କହିଛନ୍ତି।

### ବିଦ୍ୟୁତ୍ ଦର ବୃଦ୍ଧିକୁ ବିରୋଧ

**ଜି.ଉଦୟଗିରି,୧୦।୪(ଡି.ଏନ.ଏ.):** ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ପ୍ରତିବାଦରେ ଶୁକ୍ରବାର ସିପିଆଇ ଜୋନାଲ କମିଟି ତରଫରୁ ଏକ ଶୋଭାଯାତ୍ରା କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଛି। ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ କେନ୍ଦ୍ର ଓ ରାଜ୍ୟ ସରକାର ଉଭୟଙ୍କୁ ସମାଲୋଚନା କରି ସିପିଆଇ ଜିଲା ସମ୍ପାଦକ ପ୍ରଦୀପ ମହାକୁଡ଼ଙ୍କ ସମେତ ନେତ୍ରୀ ବାସନ୍ତୀ ଜେନା, ସରୋଜିନୀ ମହାରଣା ପ୍ରମୁଖ ଦାବିପତ୍ର ଦେଇଛନ୍ତି।

# ଆଜି ରାଜବାଟୀକୁ ଯିବେ ମା’


ଫୁଲରେ ମା’ଙ୍କ ପ୍ରତିକୃତି।


ମା’ଙ୍କୁ ଅସ୍ଥାୟୀ ମଣ୍ଡପକୁ ଅଣାଯାଉଛି।


ଅସ୍ଥାୟୀ ମଣ୍ଡପରେ ପୂଜା ଚାଲିଛି।


ମା’ଙ୍କୁ ଦର୍ଶନ କରିବାକୁ ଆସିଥିବା ଶ୍ରଦ୍ଧାଳୁମାନେ।



## ଅସ୍ଥାୟୀ ମଣ୍ଡପରେ ଠାକୁରାଣୀ

- ଦର୍ଶନ ପାଇଁ ଭିଡ଼, ରହୁନି ସାମାଜିକ ଦୂରତା
- ଖଞ୍ଜା ହୋଇନି ସିସିଟିଭି

**ବ୍ରହ୍ମପୁର ଅଫିସ୍,୧୦।୪**

ମା’ ବୁଢ଼ୀ ଠାକୁରାଣୀ ଶୁକ୍ରବାର ବିଳମ୍ବିତ ରାତିରେ ଦେଶୀ ବେହେରାଙ୍କ ଅସ୍ଥାୟୀ ମଣ୍ଡପରେ ବିଜେ ହୋଇଛନ୍ତି। ଶନିବାର ମା’ ବିଶ୍ରାମ ନେଇଛନ୍ତି। ପୂର୍ବାହ୍ନରେ ଆଳତି ପରେ ଭକ୍ତମାନେ ମା’ଙ୍କ ଦର୍ଶନ କରିଥିଲେ। ବର୍ତ୍ତମାନ ଅସ୍ଥାୟୀ ମଣ୍ଡପରେ ମା’ ଅର୍ଥାତ୍ ଇଟମଳା ଫୁଲ ଚାଙ୍ଗୁଡ଼ିରେ ରହି ପୂଜା ପାଉଛନ୍ତି। ରବିବାର ଏହି ଫୁଲ ହାଣ୍ଡିକୁ ଆସି ପୂଜା ପାଇବେ। ଏହାପରେ ମା’ଙ୍କୁ ମିଶାଇ ୮ ଭଉଣୀ ଅର୍ଥାତ୍ ୯ଟି ଘଟ ରାଜବାଟୀକୁ ଯିବ। ସେଠାରେ ମା’ଙ୍କ ସେବକ ମହୁରୀ ରାଜା ଆରତି କରିବା ପରେ ମା’ ପୁନଃ ଅସ୍ଥାୟୀ ମଣ୍ଡପକୁ ଫେରିବେ ବୋଲି ଯାତ୍ରା ପରିଚାଳକ ଦୁର୍ଗା ପ୍ରସାଦ ଦେଶୀ ବେହେରା ସୂଚନା ଦେଇଛନ୍ତି। ପ୍ରଶାସନ ପକ୍ଷରୁ ଭୋର ୪ଟାରୁ ସକାଳ ୯ ଓ ଅପରାହ୍ନ ୪ଟାରୁ ରାତି ୯ ପର୍ଯ୍ୟନ୍ତ ଦର୍ଶନ ସମୟ ଧାର୍ଯ୍ୟ କରାଯାଇଛି। କିନ୍ତୁ ଅସ୍ଥାୟୀ ମଣ୍ଡପରେ ଦର୍ଶନ ନିମନ୍ତେ ଭକ୍ତଙ୍କ ମଧ୍ୟରେ ସାମାଜିକ ଦୂରତା ନ ଥିବା ଦେଖିବାକୁ ମିଳୁଛି। ଫଳରେ କୋଭିଡ୍ ସଂକ୍ରମଣ ଆଶଙ୍କା ମଧ୍ୟ ଦେଖାଦେଇଛି। ଅନ୍ୟପଟେ ମା’ଙ୍କ ଅସ୍ଥାୟୀ ମଣ୍ଡପରେ ଭୋଗ, ଦୀପ ଓ ପାଦ ଧୁଆକୁ ବାରଣ କରାଯାଇଛି। ଅସ୍ଥାୟୀ ମଣ୍ଡପରେ ସିସିଟିଭି ଲଗାଯାଇ ନ ଥିବା ଦେଖିବାକୁ ମିଳିଛି। ଏ ନେଇ ଯାତ୍ରା କମିଟିକୁ ଯୋଗାଯୋଗ କରିବାରୁ, ଅସ୍ଥାୟୀ ମଣ୍ଡପ ସମେତ ବାହାରେ ୯ଟି ସିସିଟିଭି ଖଞ୍ଜାଯିବ ବୋଲି ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ଶୁକ୍ରବାର ରାତି ସାଢେ ୧୧ଟାରେ ଯାତ୍ରା ପରିଚାଳକ ତଥା ଠାକୁରାଣୀଙ୍କ ବାପା ଦୁର୍ଗାପ୍ରସାଦ ଦେଶୀ ବେହେରା ମା’ଙ୍କ ଆଜ୍ଞାମାଳ ନିମନ୍ତେ ଦେଶୀ ବେହେରା ସାହିରୁ ପଟୁଆରରେ ବାହାରିଥିଲେ। ଏଥିରେ ଦେଶୀ ବେହେରାଙ୍କ ସ୍ତ୍ରୀ ପି.ଦେବକୀ ଚାଙ୍ଗୁଡ଼ି ମଧ୍ୟରେ ଥିବା ଦୀପ ଧରି ମା’ଙ୍କ ଆଜ୍ଞାମାଳ ନିମନ୍ତେ ଯାତ୍ରା କରିଥିଲେ। ନଡ଼ିଆ ଗୁର୍ଜି, ଗୌଡ଼ ସାହି, ପଶୁ ମୁଖା ନୃତ୍ୟ, ଚାଙ୍ଗୁଡ଼ି ବାଦ୍ୟ ମଧ୍ୟ ସାମିଲ ହୋଇଥିଲା। ଏହାପରେ ମଧ୍ୟାହ୍ନ ୧୨.୧୫ ମିନିଟ୍‌ରେ ବୁଢ଼ୀ ଠାକୁରାଣୀ ମନ୍ଦିରରେ ପ୍ରବେଶ କରିଥିଲେ। ସେଠାରେ ପିତା ଦୁର୍ଗା ପ୍ରସାଦ ଓ ସ୍ତ୍ରୀ ଦେବକୀ ମା’ଙ୍କ ଆଜ୍ଞାମାଳ ନିମନ୍ତେ ଗୁହାରି ପଡ଼ିଥିଲେ। ବୁଢ଼ୀ ଠାକୁରାଣୀ ମନ୍ଦିର ପୂଜକଙ୍କ ଦ୍ୱାରା ପୂଜାପାଠ କରାଯାଇଥିଲା। ଏହାପରେ ରାତ୍ରି ୧୨.୪୦ରେ ମା’ଙ୍କ ମସ୍ତକରୁ ଇଟମଳା ଫୁଲ ଆଜ୍ଞାମାଳ ଭାବେ ଦେଶୀ ବେହେରାଙ୍କ ହସ୍ତରେ ଖସିବା ପରେ ତାହାକୁ ଚାଙ୍ଗୁଡ଼ିରେ ରଖାଯାଇଥିଲା। ସେହି ଚାଙ୍ଗୁଡ଼ିକୁ ନେଇ ଦେଶୀ ବେହେରାଙ୍କ ସ୍ତ୍ରୀ ମୁଣ୍ଡରେ ମୁଣ୍ଡାଇ ଅସ୍ଥାୟୀ ମଣ୍ଡପ ଅଭିମୁଖେ ବାହାରିଥିଲେ। ମା’ଙ୍କ ଆଜ୍ଞାମାଳ ଅସ୍ଥାୟୀ ମଣ୍ଡପ ଅଭିମୁଖେ ଯିବା ସମୟରେ ପୋଲିସ୍ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। ତେବେ ଦେଶୀ ବେହେରା ସାହିଠାରୁ ବୁଢ଼ୀ ଠାକୁରାଣୀ ମନ୍ଦିର ଯାଏ ୧୪୪ ଧାରା ହୋଇଥିବାରୁ ବହୁ ସାହି ବାସିନ୍ଦା ନିଜ ଘର ଓ ଛାତ ଉପରେ ରହି ମା’ଙ୍କ ଦର୍ଶନ କରିଥିଲେ।

> “ ଦୀର୍ଘ ୨ ବର୍ଷ ପରେ ମା’ଙ୍କୁ ଅସ୍ଥାୟୀ ମଣ୍ଡପରେ ଦେଖି ବହୁତ ଖୁସି ଅନୁଭବ ହେଉଛି। ପ୍ରତି ଦୁଇ ବର୍ଷରେ ଥରେ ଯାତ୍ରାରେ ମା’ଙ୍କୁ ଦର୍ଶନ କରିବା ନିମନ୍ତେ ଚାହିଁ ରହୁ। ମା’ଙ୍କୁ ଭୋଗ ଲାଗି ବନ୍ଦ ରହିଛି। ଚଳିତବର୍ଷ କରୋନା କଟକଣାରେ ମା’ଙ୍କ ଦର୍ଶନ କିପରି ହେବ ସେ ନେଇ ପୂର୍ବରୁ ବହୁ ଆଶଙ୍କା ରହିଥିଲା। କିନ୍ତୁ ପୋଲିସ ପ୍ରଶାସନ ଦ୍ୱାରା ଶାନ୍ତି ଶୃଙ୍ଖଳା ରକ୍ଷା କରି ଯେପରି ଭାବେ ପଦକ୍ଷେପ ନିଆଯାଇଛି ତାହା ସ୍ୱାଗତଯୋଗ୍ୟ।
>
> \- କବିତା ସାହୁ



> “ ଅସ୍ଥାୟୀ ମଣ୍ଡପରେ ମା’ଙ୍କ ଦର୍ଶନ ନିମନ୍ତେ ପ୍ରତ୍ୟେକ ବ୍ରହ୍ମପୁରବାସୀ ଅକୁଣ୍ଠ ଚିତ୍ତରେ ଚାହିଁ ରହିଥାନ୍ତି। ମୁଁ ନିଜକୁ ଭାଗ୍ୟବାନ ମନେକରୁଛି । ପ୍ରଥମ ଦିନରେ ଦର୍ଶନ ମିଳିପାରିଛି। କିନ୍ତୁ ଭିଡ଼ ନିୟନ୍ତ୍ରଣ ଉପରେ ପ୍ରଶାସନ ଅଧିକ ସଚେତନ ହେବା ଦରକାର। ଭକ୍ତମାନେ ମାସ୍କ ବ୍ୟବହାର କରୁଥିଲେ ସୁଦ୍ଧା ସାମାଜିକ ଦୂରତା ରକ୍ଷା କରିବା ସମ୍ଭବ ହେଉନାହିଁ।
>
> \- ବିନୋଦ କୁମାର ନାୟକ



> “ ବ୍ରହ୍ମପୁରର ଠାକୁରାଣୀ ଯାତ୍ରାର ବହୁ ପ୍ରସିଦ୍ଧି ରହିଛି। ବୁଢ଼ୀ ଠାକୁରାଣୀଙ୍କୁ କରୋନା କଟକଣା ସମୟରେ ଶ୍ରଦ୍ଧାର ସହ ଦର୍ଶନ କରିଛୁ। ପ୍ରାର୍ଥନା କରୁଛୁ କି ଏହି କରୋନା ମହାମାରୀ କାୟାରୁ ତ୍ରାହି ମିଳୁ।
>
> \- ଭି.ଅବିନାଶ ପାତ୍ର



> “ ମା’ଙ୍କ ଦର୍ଶନ ପାଇ ଖୁସି ଅନୁଭବ କରୁଛି। ଆଶା ରହିଛି କରୋନା ସ୍ଥିତି ସୁଧୁରିବା ସହ ପୂର୍ବଭଳି ସଂସାର ଚଳଚଞ୍ଚଳ ହେଉ। ତାଙ୍କ କୃପା ଦୃଷ୍ଟିରୁ ଯାତ୍ରା ସୁରୁଖୁରୁରେ ହେଉ। ପ୍ରତ୍ୟେକ ଭକ୍ତ ତାଙ୍କ ଦର୍ଶନର ସୁଯୋଗ ପାଆନ୍ତୁ।
>
> \- ରାମଚନ୍ଦ୍ର ସାହୁ



## ଦୋକାନରୁ ୨ ଲକ୍ଷ ଟଙ୍କା, ୬ ଭରି ଗହଣା ଚୋରି

**ବ୍ରହ୍ମପୁର ଅଫିସ,୧୦।୪**

ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ବୋରିଗାଁ ନିକଟ ବି.ଜଗନ୍ନାଥପୁର ଗ୍ରାମରେ ଥିବା ଜଣେ ବ୍ୟବସାୟୀଙ୍କ ତେଜରାତି ଦୋକାନରୁ ପ୍ରାୟ ୨ଲକ୍ଷ ଟଙ୍କା, ୬ ଭରି ସୁନା ଗହଣା ଚୋରି ହୋଇଛି। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତଦନ୍ତରେ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁରର ସହାୟତା ମଧ୍ୟ ନିଆଯାଇଥିଲା। ଚୋରମାନେ ଉକ୍ତ ଦୋକାନ ଘର ବାରିପଟ କବାଟ ତାଡି ଘରେ ପଶି ଚୋରି କରିଥିବା ପୋଲିସ ସନ୍ଦେହ କରୁଛି। ଏମ.ଗୌରହରି ଏକ ତେଜରାତି ଦୋକାନ କରି ଚାଉଳ, ଡାଲି ଓ ଅଟା ଇତ୍ୟାଦି ସାମଗ୍ରୀ ବ୍ୟବସାୟ କରିଥାନ୍ତି। ଗାଁ ମଝିରେ ତାଙ୍କର ଦୋକାନ ରହିଛି। ଶୁକ୍ରବାର ରାତିରେ ଦୋକାନ ବନ୍ଦ କରି ମାଲିକ ଉକ୍ତ ବାରଣ୍ଡାରେ ଶୋଇଥିଲେ। ଶନିବାର ସକାଳୁ ମାଲିକ ଦୋକାନ ଖୋଲି ଭିତରକୁ ଯାଇ ଦେଖିବା ବେଳେ ପଛଭାଗ କବାଟ ତାଡି ଚୋର କଳାକନା ବୁଲାଇ ଦେଇଥିଲେ। ଦୋକାନ ଘରେ ଥିବା ଛୋଟିଆ ଆଲମିରାଟି ନ ଥିଲା। ବହୁ ଖୋଜାଖୋଜି ପରେ ଗାଁ ମୁଣ୍ଡ ପୋଖରୀ ହୁଡାରେ ପଡିଥିବା ସେ ଦେଖିବାକୁ ପାଇଥିଲେ। ଆଲମିରା ଭିତରେ ଥିବା ପ୍ରାୟ ୨ଲକ୍ଷ ଟଙ୍କା ଓ ୬ ଭରି ସୁନା ଗହଣା ଚୋରି ହୋଇଥିବା ଜଣାପଡ଼ିଥିଲା। ଶୁକ୍ରବାର ରାତିରେ ଚୋର ଗ୍ୟାଙ୍ଗ୍ ଉକ୍ତ ଦୋକାନ ଘର ପଛପଟ କବାଟ ଭାଙ୍ଗି ଚୋରି କରିଥିବା ସନ୍ଦେହ କରାଯାଉଛି। ଅଭିଯୋଗ ପରେ ନଂ.୧୦୩ /୨୧ ରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## କଞ୍ଚାମେଣ୍ଡିରେ ଅଜଣା ରୋଗ ଆତଙ୍କ

**ବାଲିଗୁଡ଼ା,୧୦।୪.(ଡି.ଏନ.ଏ.)**

ବାଲିଗୁଡ଼ା ଉପଖଣ୍ଡ ଅନ୍ତର୍ଗତ କ.ନୂଆଗାଁ ବ୍ଲକ କଞ୍ଚାମେଣ୍ଡି ଅଞ୍ଚଳରେ ଗତ ଏକ ସପ୍ତାହ ମଧ୍ୟରେ ଅଜଣା ରୋଗରେ ୧୦ରୁ ଊର୍ଦ୍ଧ୍ୱ ଲୋକ ଆକ୍ରାନ୍ତ ହୋଇଥିବା ଅଭିଯୋଗ ହୋଇଛି। କିଛି ଲୋକ ଚିକିତ୍ସିତ ହୋଇ ଘରକୁ ଫେରିଥିବା ବେଳେ ୫ ରୋଗୀ କ.ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ସୂଚନା ପ୍ରକାରେ, ସୁସ୍ଥ ଥିବା ଲୋକଙ୍କୁ ହଠାତ୍ ଜ୍ୱର, ଝାଡ଼ା, ବାନ୍ତି ହେଉଛି। ରୋଗର ପ୍ରକୃତ କାରଣ ଜଣାପଡ଼ିନାହିଁ, ଏ ନେଇ ଜିଲା ଚିକିତ୍ସାଧିକାରୀଙ୍କୁ ଜଣାଇଛୁ ବୋଲି କ.ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ କ୍ରିଷ୍ଣା ନାୟକ କହିଛନ୍ତି । ଅନ୍ୟପଟେ ପାଣି ଯୋଗୁ ଏଭଳି ହୋଇଥିବା ସନ୍ଦେହ କରି ଯୋଗାଣ ପାଣି ଟାଙ୍କିରେ ଔଷଧ ପକାଯାଇଥିବା କ.ନୂଆଗାଁ ବିଡିଓ ଶରତ ପାତ୍ର କହିଛନ୍ତି।

## ମାସ୍କ ଯାଞ୍ଚ ଅନୁଧ୍ୟାନ କଲେ ଏସ୍‌ପି


ଆସିକା ବିଜୁ ପଟ୍ଟନାୟକ ଛକରେ ଗଞ୍ଜାମ ଏସ୍‌ପି ଅନୁଧ୍ୟାନ କରୁଛନ୍ତି।

**ଆସିକା,୧୦।୪(ଡି.ଏନ୍.ଏ.)**

କରୋନା ସଂକ୍ରମଣକୁ ପ୍ରତିହତ କରିବା ନିମନ୍ତେ ଜନସାଧାରଣ ବାହାରକୁ ବାହାରିଲେ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି। ପୋଲିସ ଏହାର କଡ଼ାକଡ଼ି ଯାଞ୍ଚ କରୁଛି। ଶନିବାର ସନ୍ଧ୍ୟାରେ ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରାଏ ଆସିକା ଆସି ଏହାର ଅନୁଧ୍ୟାନ କରିଥିଲେ । ସେ ଆସିକା ଏନ୍‌ଏସିର ବିଜୁ ପଟ୍ଟନାୟକ ଛକ, ବସଷ୍ଟାଣ୍ଡ, ପାକଳାପଲ୍ଲୀ ଛକ ଆଦି ଅଞ୍ଚଳକୁ ଯାଇ ଜନସାଧାରଣ ମାସ୍କ ପିନ୍ଧିବାକୁ ପରାମର୍ଶ ଦେଇଥିଲେ। ଏହି ଅବସାରେ ମାସ୍କ ପିନ୍ଧି ନଥିବା ଅମାନିଆଙ୍କ ଠାରୁ ୨୫ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏସ୍‌ପିଙ୍କ ଆସିକା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ମଧ୍ୟ ଉପସ୍ଥିତ ଥିଲେ।

## ବେଳାଭୂମିରୁ ନିରାଶରେ ଫେରିଲେ ପର୍ଯ୍ୟଟକ

**ଗୋପାଳପୁର,୧୦।୪**



କରୋନା ଦ୍ୱିତୀୟ ଲହରୀରେ ସଂକ୍ରମିତଙ୍କ ସଂଖ୍ୟା ବଢୁଥିବାରୁ ଶନିବାର ଓ ରବିବାର ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ବେଳାଭୂମିକୁ ବାରଣ ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଗୋପାଳପୁର ଥାନାଧିକାରୀ ବିବେକାନନ୍ଦ ମହନ୍ତଙ୍କ ନେତୃତ୍ୱରେ ଶନିବାର ସ୍ଥାନୀୟ ଗୋପାଳପୁର କଲେଜ ଛକଠାରେ ମାସ୍କ ଯାଞ୍ଚ କଡାକଡି କରାଯିବା ସହ ପର୍ଯ୍ୟଟକଙ୍କୁ ବେଳାଭୂମିକୁ ବାରଣ କରାଯାଇଥିଲା। ଫଳରେ ବହୁ ପର୍ଯ୍ୟଟକ ବେଳାଭୂମିକୁ ଯାଇ ନିରାଶ ହୋଇ ଫେରିଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକଙ୍କ ପରିଚୟ ପତ୍ର ଦେଖି ଛଡାଯାଉଥିବା ଦେଖିବାକୁ ମିଳିଥିଲା। ମାସ୍କ ପିନ୍ଧି ନ ଥିବା ଅମାନିଆଙ୍କ ଠାରୁ ୪୦୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଯାଞ୍ଚ ବେଳେ ଏସ୍‌ଆଇ ଜୟ ଚନ୍ଦ୍ର ମଲ୍ଲିକ ଓ ମହେନ୍ଦ୍ର କୁମାର ବେହେରା, ଅଜୟ କୁମାର ଶତପଥୀ, ଅନିସ୍ ଖାନ୍, କେ.ମଧୁ, କେ.ବଡମୁଣ୍ଡି, ରମେଶ ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ

**ବ୍ରହ୍ମପୁର ଅଫିସ,୧୦।୪**

### ୪ କୋଟି ୪୬ ଲକ୍ଷ କ୍ଷତିପୂରଣ ନିର୍ଦ୍ଦେଶ

ଜାତୀୟ ଆଇନସେବା ପ୍ରାଧିକରଣ ନିର୍ଦ୍ଦେଶାନୁସାରେ ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ ସଂଯୋଜନାରେ ବ୍ରହ୍ମପୁରସ୍ଥିତ ଗଞ୍ଜାମ ଜିଲା ଅଦାଲତଗୁଡ଼ିକରେ ଚଳିତବର୍ଷର ପ୍ରଥମ ଜାତୀୟସ୍ତରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୯୬ ମୋଟରଯାନ ଦୁର୍ଘଟଣା ମାମଲାର ବିଚାର କରାଯାଇ ୪ କୋଟି ୪୬ ଲକ୍ଷ ୬୦ ହଜାର ୪୦୦ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଗଞ୍ଜାମ ଜିଲା ଜଜ୍ ରାମଶଙ୍କର ହୋତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲା ଆଇନସେବା ପ୍ରାଧିକରଣ ସଚିବ ଅଲ୍ପନା ସ୍ୱାଇଁଙ୍କ ପରିଚାଳନାରେ ମୋଟ ୫ ବେଞ୍ଚ ବସିଥିଲା। ପ୍ରତ୍ୟେକ ବେଞ୍ଚରେ ବିଚାର ବିଭାଗୀୟ ଅଧିକାରୀ ଓ ୨ ଜଣ ସଭ୍ୟ ଉପସ୍ଥିତ ଥିଲେ। ପରିବାର ଅଦାଲତରେ ୨୭ ମାମଲାର ଶୁଣାଣି କରାଯାଇଥିବା ବେଳେ ଏହି ୨୭ ଯୋଡା ଦମ୍ପତି ନିଜର ବୈବାହିକ କଳହର ଅନ୍ତଃ ଘଟାଇ ପୁଣି ଖୁସିରେ ଜୀବନଯାପନ କରିବାକୁ ରାଜି ହୋଇଥିଲେ। ସ୍ଥାୟୀ ଲୋକ ଅଦାଲତରେ ୭ ମକଦ୍ଦମାର ଶୁଣାଣି ହୋଇଥିଲା। ସେହିପରି ଲୋକ ଅଦାଲତରେ ୫୮ ଦେୱାନୀ ମକଦ୍ଦମା ଓ ୩୦୪ ଫୌଜଦାରୀ ମକଦ୍ଦମା ସମାଧାନ କରାଯାଇଥିଲା। ଏଥିରେ ପରିବାର ଅଦାଲତ ଜଜ୍ ପ୍ରଜ୍ଞା ପାଣିଗ୍ରାହୀ, ପ୍ରଥମ ଅତିରିକ୍ତ ଜିଲା ଜଜ୍ ଡ.ପ୍ରସନ୍ନ କୁମାର ପଣ୍ଡା, ଦ୍ୱିତୀୟ ଅତିରିକ୍ତ ଜିଲା ଜଜ୍ ସଂଘମିତ୍ରା ଶର୍ମା, ତୃତୀୟ ଅତିରିକ୍ତ ଜିଲା ଜଜ୍ ନିରଞ୍ଜନ କୁମାର ଜେନା, ମଟର ଜନିତ ଦୁର୍ଘଟଣା ଅଦାଲତ ବିଚାରପତି ସୌଭାଗିନୀ ମଲ୍ଲିକଙ୍କ ସମେତ ଅନ୍ୟାନ୍ୟ ବିଚାରପତି ସାମିଲ ଥିଲେ। ସିଭିଲ କୋର୍ଟ ରେଜିଷ୍ଟ୍ରାର ସ୍ୱରୂପ କୁମାର ସେଠ ସହଯୋଗ କରିଥିଲେ।




**ନାବାଳିକାଙ୍କୁ ଅସଦାଚରଣ କରି ଶାଢ଼ୀ ବିକାଳୀ ଗିରଫ**

ବାରିପଦା ଅଫିସ: ମୟୁରଭଞ୍ଜ ଜିଲା ବାରିପଦା ଟାଉନ ଥାନା ପୋଲିସ ଜଣେ ନାବାଳିକାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଶନିବାର ଜଣେ ଶାଢ଼ୀ ବିକାଳୀଙ୍କୁ ଗିରଫ କରିଛି। ସେ ହେଲେ ପଶ୍ଚିମବଙ୍ଗ ରାଜ୍ୟର ବାରାସତ ଅଞ୍ଚଳର ରାମକ୍ରିଷ୍ଣ ରକ୍ଷିତ। ଏନେଇ ପୋଲିସ ଏକ ମାମଲା (ନଂ-୩୫୭/୨୧) ରୁଜୁ କରି ତଦନ୍ତ ଜାରି ରଖିଛନ୍ତି।

## ସଂକ୍ଷେପରେ

### ହାଇୱା ଧକ୍କାରେ ଯବାନ, ରାଜମିସ୍ତ୍ରି ମୃତ

**ଢେଙ୍କାନାଳ ଅଫିସ,୧୦।୪:** ଢେଙ୍କାନାଳ ଜିଲା ସଦର ଥାନା ଭାପୁର ଫାଣ୍ଡି ରଥପଦା ନିକଟ ପୁରୁଣା କଟକ-ସମ୍ବଲପୁର ରାସ୍ତାରେ ଶନିବାର ଏକ ହାଇୱା ଚଢ଼ିଯିବାରୁ କାର୍‌ରେ ଥିବା ଜଣେ ଯବାନଙ୍କ ସହ ରାଜମିସ୍ତ୍ରିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପଞ୍ଜାବରେ କାର୍ଯ୍ୟରତ ଯବାନ ରାସୋଳ ଥାନା ଗଣ୍ଡାନାଳୀ ଗ୍ରାମର ଗୋପବନ୍ଧୁ ରାଉତ ଓ ଭାପୁର ଫାଣ୍ଡି କୋଉମ ଅଞ୍ଚଳର ରାଜମିସ୍ତ୍ରି ମନୋଜ ବେହେରା। ଉଭୟେ ଏକ କାରରେ ଭାପୁର ଆଡୁ ରାସୋଳ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ହାଇୱା ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ମନୋଜଙ୍କ ମୃତ୍ୟୁ ହୋଇଥିଲା।

### ଏମ୍‌ପିଙ୍କୁ ଜନ୍ମଦିନ ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି

**ମାଲକାନଗିରି,୧୦।୪(ଡି.ଏନ୍.ଏ.):** ରାଷ୍ଟ୍ରପତି ରାମନାଥ କୋବିନ୍ଦ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝିଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି। ସେ ଚିଠି ମାଧମରେ ଶୁଭେଚ୍ଛା ବାର୍ତ୍ତା ଜଣାଇଛନ୍ତି। ଏଥିରେ ରାଷ୍ଟ୍ରପତି ଏମ୍‌ପିଙ୍କ ସୁସ୍ଥ ଓ ଦୀର୍ଘ ଜୀବନ କାମନା କରିବା ସହ ରାଷ୍ଟ୍ର ସେବା କରିବାକୁ ଉତ୍ସାହିତ କରିଛନ୍ତି।

### ଘଡ଼େଇ ମହାବିଦ୍ୟାଳୟ କଣ୍ଟେନମେଣ୍ଟ ଜୋନ୍

**ମାଲକାନଗିରି,୧୦।୪(ଡି.ଏନ୍.ଏ.):** ମାଲକାନଗିରି ଜିଲା ସଦରସ୍ଥିତ ଘଡ଼େଇ ଆବାସିକ ମହାବିଦ୍ୟାଳୟରୁ କରୋନା ସଂକ୍ରମିତ ଚିହ୍ନଟ ହେବାପରେ କଲେଜକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ୨ଦିନ ତଳେ କଲେଜରୁ ଜଣେ ପଜିଟିଭ ବାହାରିଥିଲେ। ଶନିବାର ଜିଲା ପ୍ରଶାସନ ପକ୍ଷରୁ କଲେଜକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ସେହିପରି କଲେଜର ସମସ୍ତ ଛାତ୍ରୀଛାତ୍ର ଏବଂ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି। ଏହି ସମୟରେ କୋଭିଡ୍ ନିୟମ ମାନିବାକୁ ସମସ୍ତଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ପ୍ରେମୀଯୁଗଳଙ୍କୁ ହତ୍ୟା, ଉତ୍ତେଜନା

- ରାଜନଗର-ପଟ୍ଟାମୁଣ୍ଡାଇ ରାସ୍ତା ୪ ଘଣ୍ଟା ବନ୍ଦ
- ପେଣ୍ଠ ବେଳାଭୂମିରୁ ଶୁକ୍ରବାର ମିଳିଥିଲା ମୃତଦେହ
- ହତ୍ୟା ଅଭିଯୋଗ ଆଣିଲେ ଉଭୟ ପରିବାର

**ରାଜନଗର,୧୦।୪(ଡି.ଏନ୍.ଏ.)**




ପ୍ରଶାନ୍ତ ଓ ଇପ୍‌ସିତା (ଫାଇଲ୍ ଫଟୋ)

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ବଙ୍ଗୋପସାଗର ତଟବର୍ତ୍ତୀ ପେଣ୍ଠ ବେଳାଭୂମି ସଂଲଗ୍ନ ଜଉଦିଆ ନିକଟରୁ ଶୁକ୍ରବାର ପ୍ରେମୀଯୁଗଳଙ୍କ ମୃତଦେହ ମିଳିଥିଲା। ଏହି ଘଟଣାକୁ ନେଇ ଶନିବାର ରାଜନଗର ଅଶାନ୍ତ ହୋଇପଡିଥିଲା। ଉଭୟ ପରିବାର ମୃତଦେହ ଚିହ୍ନଟ କରିବା ପରେ ପୋଲିସ ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଉଭୟଙ୍କୁ ହତ୍ୟା କରାଯାଇଥିବା ୨ ପରିବାର ପକ୍ଷରୁ ରାଜନଗର ଥାନାରେ ଶନିବାର ଅଭିଯୋଗ ହୋଇଛି। ମାତ୍ର ପୂର୍ବରୁ ନିଖୋଜ ମାମଲା ରୁଜୁ ହୋଇଥିବାରୁ ପୋଲିସ ଅଭିଯୋଗପତ୍ର ରଖିବାକୁ ମନା କରିଦେବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଫଳରେ ଉଭୟ ଗାଁର ଶତାଧିକ ପୁରୁଷ ଓ ମହିଳା ନ୍ୟାୟ ଦାବିରେ ରାଜନଗର-ପଟ୍ଟାମୁଣ୍ଡାଇ ରାସ୍ତାର ତ୍ରିନାଥ ବଜାର ନିକଟରେ ଧାରଣାରେ ବସିଥିଲେ। ଦିନ ୧ଟାରୁ ଅପରାହ୍ନ ୫ଟା ଯାଏ ଦୀର୍ଘ ୪ ଘଣ୍ଟା ଧରି ରାସ୍ତା ଅବରୋଧ କରାଯାଇଥିଲା। ଶତାଧିକ ଗାଡ଼ି ରାସ୍ତାର ଉଭୟ ପାର୍ଶ୍ୱରେ ଅଟକି ରହିବା ଯୋଗୁ ସାଧାରଣ ଜୀବନଯାତ୍ରା ଅଚଳ ହୋଇଯାଇଥିଲା। ଏହା ଏକ ଦୁଃଖଦ ଘଟଣା ହୋଇଥିବାରୁ ବହୁ ଯୁବତୀଯୁବକ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ।

ଧାରଣାରେ ବସିଥିବା ଉଭୟ ପରିବାର ସଦସ୍ୟମାନେ କହିଛନ୍ତି, ୨ଜଣଙ୍କୁ ଯୋଜନାବଦ୍ଧ ଭାବେ ଅପହରଣ କରାଯାଇ ଅତି ନିର୍ମମ ଭାବେ ହତ୍ୟା କରାଯାଇଛି। ସେମାନଙ୍କ ଦେହରେ କ୍ଷତଚିହ୍ନ ରହିଛି। ପୋଲିସ ତୁରନ୍ତ ହତ୍ୟା ମାମଲା ରୁଜୁକରି ଅଭିଯୁକ୍ତଙ୍କୁ ଗିରଫ କରିବା ଦରକାର। ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ରଞ୍ଜନ କୁମାର ଦେ, ପଟ୍ଟାମୁଣ୍ଡାଇ ଆଇଆଇସି ରାକେଶ କୁମାର ତ୍ରିପାଠୀ, ରାଜନଗର ଥାନା ସବ୍‌ଇନ୍ସପେକ୍ଟର ଅଜୟ କୁମାର ସାହୁ, ବିଭୂପ୍ରସାଦ ରାଉତ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ସମସ୍ତ ଅଭିଯୋଗର ତଦନ୍ତ ହେବ ଓ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା।

ସୂଚନାଯୋଗ୍ୟ, ପଟ୍ଟାମୁଣ୍ଡାଇ ଥାନା ଅଧୀନ ଚନ୍ଦନନଗର ପଞ୍ଚାୟତ ଦେଉଳି ଗ୍ରାମର ନିର୍ମଳ ମହାନ୍ତିଙ୍କ ଝିଅ ଇପ୍‌ସିତା (୧୮)। ସେ ପଟ୍ଟାମୁଣ୍ଡାଇ କଲେଜରେ ଯୁକ୍ତ ୨ ବାଣିଜ୍ୟ ଛାତ୍ରୀ। ତାଙ୍କ ମା'ବାପା ନେପାଳରେ ରୁହନ୍ତି। ସେ ତାଙ୍କ ମାମୁଘର ଓସ୍ତିଆରେ ରହି ପାଠ ପଢ଼ିବା ସହିତ ରାଜନଗରରେ ତାଙ୍କର ଜଣେ ସମ୍ପର୍କୀୟଙ୍କ ଘରେ ରହି କୋଚିଂ ନେଉଥିଲେ। ସେହିପରି ରାଜନଗର ଥାନା ଅଧୀନ ଓସ୍ତିଆ ଗ୍ରାମର ପବିତ୍ର ପାତ୍ରଙ୍କ ପୁଅ ପ୍ରଶାନ୍ତ (୧୯) ଭୁବନେଶ୍ୱର ରାଜଧାନୀ କଲେଜରେ ପାଠ ପଢୁଥିଲେ। ଇପ୍‌ସିତାଙ୍କ ମାମୁଘର ଓସ୍ତିଆ ହୋଇଥିବାରୁ ପ୍ରଶାନ୍ତଙ୍କ ସହିତ ତାଙ୍କର ପରିଚୟ ହୋଇଥିଲା। ଘଟଣା କ୍ରମରେ ଇପ୍‌ସିତା ରାଜନଗରରେ ରହୁଥିବା ତାଙ୍କ ସମ୍ପର୍କୀୟଙ୍କ ଘର ନିକଟର ୨ ଯୁବକ ମୁନା ସିଂ, ଲିପୁ ସାମନ୍ତରାୟ ତାଙ୍କୁ ବିଭିନ୍ନ ସମୟରେ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ଏପରି କି ଫୋନରେ ଅଶାଳୀନ ଭାଷାରେ ଗାଳିଗୁଲଜ କରୁଥିଲେ। ଏକଥା ପ୍ରଶାନ୍ତ ଜାଣିବା ପରେ ସେ ମୁନା ଓ ଲିପୁଙ୍କ ସହିତ କଥା ହୋଇଥିଲେ। ଇପ୍‌ସିତାଙ୍କ ସହିତ ଏପରି ନ କରିବାକୁ ସେମାନଙ୍କୁ ଅନୁରୋଧ କରିଥିଲେ। ହେଲେ ମୁନା ଓ ଲିପୁ ପ୍ରଶାନ୍ତଙ୍କୁ ଟେଲିଫୋନରେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଗତ ୭ ତାରିଖ ଦିନ ଇପସିତା କଲେଜ ଯାଉଛି କହି ଘରୁ ବାହାରିଥିଲେ। ହେଲେ ଆଉ ଘରକୁ ଫେରି ନ ଥିଲେ। ଠିକ୍ ସେଦିନ ପ୍ରଶାନ୍ତ ମଧ୍ୟ ଭୁବନେଶ୍ୱରରୁ ନିଖୋଜ ହୋଇଯାଇଥିଲେ। ଇପସିତାଙ୍କ ଅଜା ଓସ୍ତିଆ ଗାଁର ବିଷ୍ଣୁ ପାତ୍ର ଗତ ୮ ତାରିଖ ଦିନ ରାଜନଗର ଥାନାରେ ନାତୁଣୀ ନିଖୋଜ ଥିବା ନେଇ ଅଭିଯୋଗ କରିଥିଲେ। ସେଦିନ ପ୍ରଶାନ୍ତ ପରିବାର ଲୋକେ ମଧ୍ୟ ଭୁବନେଶ୍ୱରର ନୟାପଲ୍ଲୀ ଥାନାରେ ପ୍ରଶାସନ ନିଖୋଜ ଥିବା ଅଭିଯୋଗ କରିଥିଲେ। ହେଲେ ଶୁକ୍ରବାର ଉଭୟଙ୍କ କ୍ଷତ ବିକ୍ଷତ ମୃତଦେହ ମିଳିଥିଲା।



ରାସ୍ତା ଅବରୋଧକାରୀଙ୍କୁ ପୋଲିସ ବୁଝାଶୁଝା କରୁଛି।

# ଛତିଶଗଡ଼ ସୀମା ସିଲ୍

**ମାଲକାନଗିରି/ଉମରକୋଟ, ୧୦।୪ (ଡି.ଏନ୍.ଏ./ସ୍ୱ.ପ୍ର.)**



ଛତିଶଗଡ଼ରେ କରୋନା ସଂକ୍ରମଣ ବୃଦ୍ଧିପାଉଛି। ଏହାକୁ ରୋକିବା ନିମନ୍ତେ ଛତିଶଗଡ଼କୁ ସଂଯୋଗ କରୁଥିବା ସମସ୍ତ ସୀମାକୁ ସିଲ୍ କରିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଫଳରେ ମାଲକାନଗିରି ଓ ନବରଙ୍ଗପୁର ଜିଲା ପ୍ରଶାସନ ଶନିବାର ଛତିଶଗଡ଼ ସୀମା ସିଲ୍ କରିଛି। ଜରୁରୀ କାମରେ ଛତିଶଗଡ଼ରୁ ଆସୁଥିବା ଓ ଉଭୟ ଜିଲାରୁ ଛତିଶଗଡ଼କୁ ଯାଉଥିବା ସମସ୍ତ ଯାନବାହନ ଯାଞ୍ଚ କରାଯିବା ସହ ଲୋକଙ୍କ ଥର୍ମାଲ ସ୍କ୍ରିନିଂ କରାଯାଉଛି। ଶରୀରର ତାପମାତ୍ରା ଅଧିକ ଥିବା ଜଣାପଡ଼ିଲେ ସେମାନଙ୍କୁ କୋଭିଡ୍ ପରୀକ୍ଷା କରାଯାଇ ସଙ୍ଗରୋଧରେ ରହିବା ନିମନ୍ତେ ପରାମର୍ଶ ଦିଆଯାଉଛି।

ଏପ୍ରିଲ ୩୦ ପର୍ଯ୍ୟନ୍ତ କୌଣସି ଯାନବାହନ ଛତିଶଗଡ଼ରୁ ମାଲକାନଗିରି କିମ୍ବା ମାଲକାନଗିରିରୁ ଛତିଶଗଡ଼ ଯାଇପାରିବ ନାହିଁ। ଛତିଶଗଡ଼ରୁ ଫେରୁଥିବା ଲୋକଙ୍କୁ ସଙ୍ଗରୋଧରେ ରହିବାକୁ ବାଧ୍ୟତାମୂଳକ କରାଯାଇଛି। ଜିଲା ଓ ରାଜ୍ୟ ସୀମା ସିଲ୍ କରାଯିବା ସହ ଛତିଶଗଡ଼ର ଚାଲାଣଗଡ଼ା, ଟିଟିବିରିଠାରେ ଚେକ୍ ପୋଷ୍ଟ କରାଯାଇଛି। ମାଲକାନଗିରି ଜିଲା ଆନ୍ତଃରାଜ୍ୟ ବସ୍‌ଷ୍ଟାଣ୍ଡରୁ ରାୟପୁର ଓ ଜଗଦଲପୁରକୁ ଚଳାଚଳ କରୁଥିବା ବସ୍‌ଗୁଡ଼ିକୁ ୩୦ତାରିଖ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ଜିଲା ପ୍ରଶାସନ ପକ୍ଷରୁ ବସ୍ ମାଲିକ ସଂଘକୁ ନିର୍ଦ୍ଦେଶ ହୋଇଛି। ରାତି ୧୦ଟାରୁ ସକାଳ ୫ଟା ପର୍ଯ୍ୟନ୍ତ ରାତ୍ରିକାଳୀନ କର୍ଫ୍ୟୁ ବଳବତ୍ତର ରହିବ ବୋଲି ଜଣାପଡ଼ିଛି। ସେହିପରି ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ସୁକ୍‌ମା ଜିଲା ପ୍ରଶାସନ ପକ୍ଷରୁ ଝାପରାଠାରେ ସ୍ୱତନ୍ତ୍ର ଚେକ୍‌ପୋଷ୍ଟ କରାଯାଇ ଜିଲା ପୋଲିସ ଏବଂ ପାରାମିଲିଟାରି ଫୋର୍ସ ୨୪ଘଣ୍ଟିଆ ପ୍ରହରା ଦେଉଛନ୍ତି। ତଣ୍ଡିକୁ ଏବଂ ଚାଲାଣଗୁଡ଼ା ପଞ୍ଚାୟତ ମାଲକାନଗିରି ଜିଲାର ଶେଷ ସୀମା ସୁକ୍‌ମାକୁ ଲାଗିରହିଛି। ତେଣୁ ଚାଲାଣଗୁଡ଼ାଠାରେ ମଧ୍ୟ ନାକାବନ୍ଦୀ କରାଯାଇଛି। ଛତିଶଗଡ଼ ସୀମାନ୍ତ ନବରଙ୍ଗପୁର ଉମରକୋଟ-ଦଣ୍ଡସରାଠାରେ କଟକଣାକୁ କଡ଼ାକଡ଼ି କରାଯାଇଛି। କେବଳ ମାଲ୍ ଗାଡ଼ି ଯାତାୟାତକୁ ଅନୁମତି ମିଳିଛି।

## ପରିତ୍ୟକ୍ତ କୂଅରୁ ହାତୀ ଛୁଆ ଉଦ୍ଧାର

**ବାରିପଦା ଅଫିସ, ୧୦।୪**



ମୟୂରଭଞ୍ଜ ଜିଲା ଦେଉଳି ରେଞ୍ଜ ଘଣଘଣା ଏବଂ ବିଶୁଶୋଳ ଗାଁ ମୁଣ୍ଡରେ ଥିବା ଏକ ପରିତ୍ୟକ୍ତ କୂଅରୁ ଶନିବାର ହାତୀ ଛୁଆକୁ ବନବିଭାଗ ଓ ଦମକଳ ବାହିନୀ ଉଦ୍ଧାର କରିଛି। ଉଦ୍ଧାର ପରେ ଛୁଆ ହାତୀଟି ଜଙ୍ଗଲ ମଧ୍ୟକୁ ଦୌଡି ପଳାଇଛି। ହାତୀର ଗତିବିଧି ଉପରେ ବିଭାଗ ସମ୍ପୂର୍ଣ୍ଣ ନଜର ରଖିଛି ବୋଲି ରେଞ୍ଜର ରବୀନ୍ଦ୍ର ମହାନ୍ତି ପ୍ରକାଶ କରିଛନ୍ତି। ପଶ୍ଚିମବଙ୍ଗ ପଟୁ ଆସିଥିବା ୨୦ଟିକିଆ ହାତୀପଲରେ ଏକ ୬ମାସର ହାତୀ ଛୁଆ ଥିଲା। ଉକ୍ତ ହାତୀ ଛୁଆଟି ୧୫ଫୁଟ ଗଭୀର କୂଅରେ ପଡିଯାଇଥିଲା। ହାତୀଟି କୂଅରୁ ଉଠିବା ଲାଗି ପ୍ରୟାସ କରିବା ସହ ଚିତ୍କାର କରୁଥିଲା। ଗ୍ରାମବାସୀ ଚିତ୍କାର ଶୁଣି ବନବିଭାଗକୁ ଖବର ଦେଇଥିଲେ। ଘଟଣା ସ୍ଥଳରେ ବନ କର୍ମଚାରୀ ପହଞ୍ଚି ଜେସିବି ସାହାଯ୍ୟରେ କୂଅର ଗୋଟିଏ ପାର୍ଶ୍ୱ ଖୋଲିଥିଲେ। ମାତ୍ର ପଥୁରିଆ ମାଟି ହୋଇଥିବାରୁ ବିଳମ୍ବ ହେବା ଦେଖି ଦମକଳ ବାହିନୀ ପହଞ୍ଚି ହାତୀର ଗୋଡ ଓ ଦେହରେ ଦଉଡି ଲଗାଇ ଉପରକୁ ଆଣିଥିଲେ। ତେବେ ହାତୀ ଛୁଆଟି ଉଦ୍ଧାର ପାଇ ଜଙ୍ଗଲକୁ ପଳାଇ ଯାଇଛି।

## ପ୍ରଥମ ପୃଷ୍ଠାରୁ...

### ଇଡ୍‌କୋ ଅପାରଗତା ...

କରି ଅଧିକ ୨,୨୧.୫୯ ଏକର ଜମି ୨୦୨୦ ମାର୍ଚ୍ଚ ଯାଏ ପ୍ରଦାନ କରିବା ଜାରି ରଖିଥିଲା। କେବଳ ସେତିକି ନୁହେଁ, ଶିଳ୍ପନୀତି ୨୦୦୭କୁ ଉଲ୍ଲଂଘନ କରି ଇଡ୍‌କୋ ୧୧୭ ଏକର ସରକାରୀ ଜମିକୁ ଦୁଇଟି ଥର୍ମାଲ ପାୱାର ପ୍ଲାଣ୍ଟ (ଟିଟିପି) ଅର୍ଥାତ୍ ଲାନ୍‌କୋ ଏବଂ ଜିଏମ୍‌ଆର୍‌କୁ ଆବଣ୍ଟନ କରିଥିଲା। ଉକ୍ତ ଦୁଇ କମ୍ପାନୀ ଜମି ପାଇବା ସତ୍ତ୍ୱେ ନିର୍ଦ୍ଧାରିତ ସମୟରେ ବିଦ୍ୟୁତ୍ ଉତ୍ପାଦନ ଆରମ୍ଭ କରିବାରେ ବିଫଳ ହୋଇଥିଲେ। କୌଣସି ପ୍ରୋତ୍ସାହନ ପାଇବାକୁ ଯୋଗ୍ୟ ନ ଥିଲେ ମଧ୍ୟ ସେମାନଙ୍କଠାରୁ ୧୦.୦୪ କୋଟି ଟଙ୍କା କମ୍ ଆଦାୟ କରାଯାଇଥିଲା। ଟିସ୍‌କୋକୁ ୧୯୯୬ ଏପ୍ରିଲ ଓ ଡିସେମ୍ବର ମଧ୍ୟରେ ଇଣ୍ଟିଗ୍ରେଟେଡ ଷ୍ଟିଲ ପ୍ଲାଣ୍ଟ ପାଇଁ ଇଡ୍‌କୋ ଦ୍ୱାରା ଆଗୁଆ ୫୩୭.୮୨ ଏକର ସରକାରୀ ଜମି ଦିଆଯାଇଥିଲା। ତେବେ ତାହାକୁ ରାଜସ୍ୱ ବିଭାଗକୁ ଫେରାଇ ନ ଥିଲା। ଇଡ୍‌କୋ ଉକ୍ତ ଜମିକୁ ୨୦୧୪-୧୮ମଧ୍ୟରେ ପ୍ରଚଳିତ ଦରକୁ ଅଣଦେଖା କରି ଅନ୍ୟ ଉଦ୍ଦେଶ୍ୟରେ ପୁଣି ବ୍ୟବହାର ପାଇଁ ଟିସ୍‌କୋକୁ ପ୍ରଦାନ କରିଥିଲା। ଫଳରେ ଜମି ପ୍ରିମିୟମ ବାବଦରେ ୧୪.୨୩ କୋଟି ଏବଂ ପ୍ରଶାସନିକ ଦେୟ ବାବଦରେ ରାଜକୋଷକୁ ୧.୪୨ କୋଟି ଟଙ୍କା କ୍ଷତି ହୋଇଥିଲା। ଡାଟାବେସ୍ ତଥ୍ୟାବଳୀର ପରିଚାଳନା ଏବଂ ପର୍ଯ୍ୟାଲୋଚନା କରିବାରେ ବିଫଳତା ହେତୁ ଇଡ୍‌କୋ ଜମି ଆବଣ୍ଟିତ ହୋଇଥିବା ଶିଳ୍ପସଂସ୍ଥାଗୁଡିକରୁ ୧୮.୫୨ କୋଟି ଟଙ୍କାର ଜିଆର(ଗ୍ରାଉଣ୍ଡ ରେଣ୍ଟ) ଓ ଶୁଳ୍କ ଆଦାୟ କରି ପାରି ନ ଥିଲା। ଏହାଛଡ଼ା ଇଡ୍‌କୋ ୪୪,୯୩୨.୨୯ ଏକର ଘରୋଇ ଜମିର ସ୍ୱତ୍ୱାଧିକାର ସଂଶୋଧନ କରିବାରେ ବିଫଳ ହେବାରୁ ୨୦୧୯ ଏପ୍ରିଲଠାରୁ ଆଦାୟ ହେବାକୁ ଥିବା ଜିଆର୍ ଓ ଶୁଳ୍କ ବାବଦରେ ରାଜକୋଷକୁ ୩୩.୧୬ କୋଟି ଟଙ୍କା କ୍ଷତି ହୋଇଛି। ଇଡ୍‌କୋ ଉପରେ ରାଜ୍ୟର ୧୧୬ଟି ଶିଳ୍ପାଞ୍ଚଳର ପ୍ରତିଷ୍ଠା ଓ ପରିଚାଳନା ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଇଡ୍‌କୋ ଅଧୀନରେ ଥିବା ମୋଟ ୨୪,୦୪୮.୧୯ ଏକର ଜମିରୁ ୧୪,୬୪୯.୦୯ ଏକର ଜମି ଆବଣ୍ଟିତ ହୋଇଥିବାବେଳେ ୯,୪୩୫.୧୯ ଅବ୍ୟବହୃତ ହୋଇ ପଡ଼ିରହିଛି। କେବଳ ସେତିକି ନୁହେଁ, ପ୍ରଚୁର ପାଣି ଥିବା ସତ୍ତ୍ୱେ ଇଡ୍‌କୋ ଶିଳ୍ପାଞ୍ଚଳଗୁଡ଼ିକରେ ଭିତ୍ତିଭୂମି ବିକାଶ କରିବାରେ ଠିକ୍ ଯୋଜନା ପ୍ରସ୍ତୁତ କରି ନ ଥିଲା। ଶିଳ୍ପ ବିଭାଗର ବିନାନୁମତିରେ ଖୋଲାଦ୍ୱାର ଏବଂ ସାମୁଦ୍ରିକ ଫୁଡ୍‌ପାର୍କ ପାଇଁ ଡେରାସଠାରେ ୧୮ ସଂସ୍ଥାକୁ ୬୨.୮୭ ଏକର ଜମି ଆବଣ୍ଟନ କରିଥିଲା। ବୋର୍ଡର ନିର୍ଦ୍ଦେଶ ପାଳନ କରିବାରେ ବିଫଳ ହେବାରୁ ଜମିମୂଲ୍ୟ ବାବଦ ୧୦.୧୬ କୋଟି ଟଙ୍କା କ୍ଷତି ହୋଇଛି। ଇଡ୍‌କୋ ସମ୍ପୃକ୍ତ ସବ୍‌ରେଜିଷ୍ଟ୍ରାରଙ୍କଠାରୁ ଜମିର ନିର୍ଦ୍ଧାରିତ ମୂଲ୍ୟ ନ ଆଣିବାରୁ ୧୪ ଶିଳ୍ପସଂସ୍ଥାକୁ ଦିଆଯାଇଥିବା ୨୬.୮୬୭ ଏକର ଜମିରୁ ୧୩.୩୪ କୋଟି ଟଙ୍କା କମ୍ ଆଦାୟ ହୋଇଥିବା ସିଏଜି ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ବିଭାଗୀୟ କାର୍ଯ୍ୟାଳୟଗୁଡିକ ନିୟମିତ ଯାଞ୍ଚ ନ ହେବା ଯୋଗୁ ୨୦୧୪ରୁ ୨୦୧୯ ମଧ୍ୟରେ ୧୨୬୭ ଶିଳ୍ପ ସଂସ୍ଥାକୁ ଆବଣ୍ଟିତ ହୋଇଥିବା ୧,୧୨୮.୯୯ ଏକର ଜମି ଅବ୍ୟବହୃତ ହୋଇ ପଡ଼ିରହିଛି। ଏହି ଜମିକୁ ଇଡ୍‌କୋ ଫେରାଇ ଆଣିବାରେ ବିଫଳ ହୋଇଥିଲା। ଫଳରେ ଉକ୍ତ ଜମି ଅନ୍ୟ କୌଣସି କାର୍ଯ୍ୟରେ ବ୍ୟବହୃତ ହୋଇ ପାରି ନ ଥିଲା। କେବଳ ସେତିକି ନୁହେଁ, ଇଡ୍‌କୋ ୨୦୧୦ରେ ନାଲ୍‌କୋ ସହିତ ଯୌଥ ଉଦ୍ୟୋଗ କମ୍ପାନୀ ଅନୁଗୋଳ ଆଲୁମିନିୟମ ପାର୍କ ଲିମିଟେଡ ପ୍ରତିଷ୍ଠା କରିଥିଲା। ଇଡ୍‌କୋ ଭିତ୍ତିଭୂମି ବିକାଶ ଓ ଆବଶ୍ୟକ କଞ୍ଚାମାଲ ଯୋଗାଇବାରେ ବିଫଳ ହେବାରୁ ଉକ୍ତ ଆଲୁମିନିୟମ ପାର୍କ ହୋଇପାରି ନ ଥିବା ସିଏଜି ରିପୋର୍ଟରେ ଦର୍ଶାଇଛନ୍ତି। ଅନ୍ୟ ସରକାରୀ ଉଦ୍ୟୋଗଗୁଡିକରେ ମଧ୍ୟ ବିପୁଳ ଅନିୟମିତତା ଓ ଅପାରଗତାକୁ ସିଏଜି ପର୍ଦ୍ଦାଫାଶ କରିଛନ୍ତି। ହଦଗଡ଼ ଅଭୟାରଣ୍ୟ ଓ ଏହାର ୧ କି.ମି. ବ୍ୟାସାର୍ଦ୍ଧ ମଧ୍ୟରେ ଥିବା ଖଣି ଅନୁପଯୋଗୀ ଜମିର ବିଳମ୍ବ ଫେରସ୍ତ ଯୋଗୁ ଓଡ଼ିଶା ଖଣି ନିଗମ(ଓଏମ୍‌ସି)କୁ ଏନ୍‌ପିଭି (ନିଟ୍ ପ୍ରେଜେଣ୍ଟ ଭାଲ୍ୟୁ) ଓ ଅଚଳ ଭଡ଼ା ବାବଦରେ ୬୫.୨୧କୋଟି ଟଙ୍କା ଗଣିବାକୁ ପଡ଼ିଛି। ସେହିପରି ଓଏମ୍‌ସି ଦ୍ୱାରା ଖଣିଜ ପଦାର୍ଥ ପରିବହନ ବୃଦ୍ଧି ଜନିତ ମୂଲ୍ୟର ଭୁଲ୍ ନିରୂପଣ ଯୋଗୁ ୦.୭୩ କୋଟି ଟଙ୍କା ଅଯଥା ଖର୍ଚ୍ଚ କରିବାକୁ ପଡ଼ିଛି। ଶକ୍ତିକ୍ଷେତ୍ରରେ ଥିବା ୯ଟି ପିଏସ୍‌ୟୁ ୨୦୧୮-୧୯ରେ ୨୨.୪୫ କୋଟି ଟଙ୍କାର କ୍ଷତି କରିଛନ୍ତି। ୨୦୧୮-୧୯ରେ ୫ ପିଏସ୍‌ୟୁ ମିଳିତ ଭାବେ ୧୭୮.୩୪କୋଟି ଟଙ୍କା ଲାଭ କରିଥିବା ବେଳେ ୩ ପିଏସ୍‌ୟୁ ୨୦୦.୭୯ କୋଟି ଟଙ୍କା କ୍ଷତି କରିଛନ୍ତି। ଗ୍ରୀଡ୍‌କୋ ୧୯୭.୫୦ କୋଟି ଟଙ୍କା କ୍ଷତି କରିଛି। ୯ଟି ଶକ୍ତିକ୍ଷେତ୍ର ପିଏସ୍‌ୟୁରେ ୨୦୧୯ ମାର୍ଚ୍ଚ ୩୧ ସୁଦ୍ଧା ୪,୦୪୮.୬୭ କୋଟି ଟଙ୍କା ପୁଞ୍ଜିବିନିଯୋଗ ହୋଇଥିବା ବେଳେ ୪,୪୪୩.୧୨ କୋଟି ଟଙ୍କା କ୍ଷତି ହୋଇଛି। ସେଥିମଧ୍ୟରୁ ଗ୍ରୀଡ୍‌କୋର ନିଟ୍ କ୍ଷତି ୩,୮୫୩.୭୫ କୋଟି ବୋଲି ସିଏଜି ରିପୋର୍ଟରେ ଉଲ୍ଲେଖ କରିଛନ୍ତି।

### ଏସ୍‌ସିବିରୁ ହାଇଦର ...

ଜେଲରେ ବନ୍ଦୀ ଜୀବନ କଟାଉଥିଲେ। ଏକାଧିକ ରୋଗରେ ପୀଡ଼ିତ ହାଇଦରଙ୍କୁ ଅସୁସ୍ଥତା କାରଣରୁ ଗତ କିଛିଦିନ ତଳେ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରୁ ତାଙ୍କୁ ଗତ ୧୨ଦିନ ତଳେ କଟକ ଏସ୍‌ସିବି ସ୍ଥାନାନ୍ତର କରାଯାଇଥିଲା। ସମ୍ବଲପୁର ପୋଲିସର ଏକ ଟିମ୍ ତାଙ୍କୁ କଟକ ଆଣି ଏସ୍‌ସିବିରେ ଭର୍ତ୍ତି କରିଥିଲା। ସର୍ଜରି ବିଭାଗର ୫ନଂ କ୍ୟାବିନ୍‌ରେ ତାଙ୍କର ଚିକିତ୍ସା ଜାରି ରହିଥିଲା। ପ୍ରଫେସର ଡାକ୍ତର ଭୁବନ ମୋହନ ଦାସ ଚିକିତ୍ସା କରୁଥିଲେ। ସୁରକ୍ଷା ଦୃଷ୍ଟିରୁ ୬ଜଣ ପୋଲିସ ପାଳି କରି ତାଙ୍କର ସୁରକ୍ଷା ଦାୟିତ୍ୱରେ ଥିଲେ। ଶନିବାର ସୁରକ୍ଷା ବ୍ୟବସ୍ଥା ଢିଲା କାରଣରୁ ସେ କର୍ତ୍ତବ୍ୟରତ ସୁରକ୍ଷା କର୍ମୀଙ୍କୁ ଧକ୍କା ମାରି ଖସି ପଳାଇଯାଇଥିବା ଅଭିଯୋଗ ହେଉଛି। ହାଇଦରଙ୍କ ନାମରେ ଦାଦାବଟି, ରାହାଜାନୀ ଓ ସୁଲେମାନ ହତ୍ୟାକାଣ୍ଡ ଭଳି ଏକାଧିକ ସଙ୍ଗୀନ ମାମଲା ରହିଛି। ହାଇଦର ଏସ୍‌ସିବିରୁ ଫେରାର ହୋଇଯିବା ପରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ବିଭିନ୍ନ ପ୍ରଶ୍ନ ଉଠିଛି। ହାଇଦରଙ୍କ ଆକ୍ରମଣରେ ସୁରକ୍ଷା କର୍ମୀ ଆହତ ହୋଇଛନ୍ତି। ତାଙ୍କୁ ପ୍ରଥମେ କାଜୁଆଲ୍‌ଟିରେ ଭର୍ତ୍ତି କରାଯାଇଥିଲା। ପରେ ସେ ମେଡିସିନ୍ ବିଭାଗରେ ଚିକିତ୍ସାଧୀନ ଅଛନ୍ତି। ସେ ସୁସ୍ଥ ହେବା ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ଜେଲ ଡିଜି ସନ୍ତୋଷ ଉପାଧ୍ୟାୟ ସୂଚନା ଦେଇଛନ୍ତି। ଅପରପକ୍ଷରେ ଫେରାର ହାଇଦରଙ୍କୁ ଧରାଯିବା ପାଇଁ ବଡ଼ ସର୍ଚ୍ଚ ଅପରେଶନ ଆରମ୍ଭ ହୋଇଛି। ବିଭିନ୍ନ ସ୍ଥାନରେ ଯାଞ୍ଚ କରାଯାଉଛି। ଏପରି କି ପଡ଼ୋଶୀ ଜିଲାକୁ ଆଲର୍ଟ କରାଯାଇଛି। ଖୁବ୍‌ଶୀଘ୍ର ତାଙ୍କୁ ଗିରଫ କରାଯିବ ବୋଲି କଟକ ଡିସିପି ପ୍ରତୀକ୍ ସିଂ ସୂଚନା ଦେଇଛନ୍ତି। ଏନେଇ ଏସ୍‌ସିବିର ଜରୁରିକାଳୀନ ଅଧିକାରୀ ଭୁବନାନନ୍ଦ ମହାରଣାଙ୍କୁ ପଚାରିବାରେ ସେ ଫେରାର ଘଟଣାକୁ ସ୍ୱୀକାର କରିବା ସହ ଥାନାରେ ଅଭିଯୋଗ ହୋଇଥିବା କହିଛନ୍ତି। ତେବେ ହାଇଦର କେବେ ହସ୍ପିଟାଲରେ ଭର୍ତ୍ତି ହେଲେ ସେନେଇ କୌଣସି ତଥ୍ୟ ତାଙ୍କ ନିକଟରେ ନ ଥିବା କହିଛନ୍ତି।

**ହାଇଦରଙ୍କୁ ନେଇ କେନ୍ଦ୍ରାପଡ଼ାରେ ହଇଚଇ**

କେନ୍ଦ୍ରାପଡ଼ା ଅଫିସ, ୧୦।୪: ଗ୍ୟାଙ୍ଗଷ୍ଟର ଶେଖ୍ ହାଇଦର କଟକ ଏସ୍‌ସିବି ମେଡିକାଲରୁ ଶନିବାର ନିଖୋଜ ହୋଇଛନ୍ତି। ଏହାକୁ ନେଇ କଟକ ପୋଲିସ ତନାଘନା ଆରମ୍ଭ କରିଥିବା ବେଳେ କେନ୍ଦ୍ରାପଡ଼ା ଜିଲାରେ ହଇଚଇ ସୃଷ୍ଟି ହୋଇଛି। ସ୍ଥାନୀୟ ପୋଲିସ ଚଳଚଞ୍ଚଳ ହୋଇପଡ଼ିଛି। ଜିଲାର ବିଭିନ୍ନ ପ୍ରବେଶ ପଥରେ ପୋଲିସ ଯାଞ୍ଚ ଚଳାଇଛି। ନବେ ଦଶକରୁ ଆତଙ୍କ ସୃଷ୍ଟି କରି ଆସିଥିବା ହାଇଦର ୨୦୦୫ରୁ ଗିରଫ ହୋଇ ଜେଲ୍‌ରେ ଆଜୀବନ ସଜା କାଟୁଥିଲେ। ଚୁନା ଓରଫ ମଲ୍ଲିକ ମନାନ ହତ୍ୟା ମାମଲା ଏବଂ ଖଣି ବ୍ୟବସାୟୀ ରଶ୍ମିରଞ୍ଜନ ମହାପାତ୍ରଙ୍କ ଅପହରଣ ଓ ହତ୍ୟା ମାମଲାରେ କୋର୍ଟ ତାଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ରାଜ୍ୟର ବିଭିନ୍ନ ଜେଲ୍‌ରେ ରହିଆସିଥିବା ହାଇଦର ଶେଷରେ ସମ୍ବଲପୁର ସର୍କଲ ଜେଲରେ ଥିଲେ। କଟକ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ଥାଇ ସେ ଫେରାର ହୋଇଯିବା ପରେ ସମଗ୍ର ସୁରକ୍ଷା ବ୍ୟବସ୍ଥା ପ୍ରତି ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ଅନେକଙ୍କ କହିବା କଥା ଯେ, ଗ୍ୟାଙ୍ଗଷ୍ଟର ହାଇଦର ୧୬ବର୍ଷ ଧରି ଜେଲରେ ରହିବା ପରେ କୌଶଳ କ୍ରମେ ଖସିଯିବାକୁ ଯୋଜନାବଦ୍ଧ ଭାବେ ଉଦ୍ୟମ କରିଥିଲେ। ଫଳରେ ସେ ନିଜକୁ ଅସୁସ୍ଥ ଦର୍ଶାଇ ପ୍ରଥମେ ବୁର୍ଲା ମେଡିକାଲ ଓ ପରେ କଟକ ଏସ୍‌ସିବି ମେଡିକାଲରେ ଭର୍ତ୍ତି ହେବାରେ ସମର୍ଥ ହୋଇଥିଲେ। ଅପରପକ୍ଷରେ କେନ୍ଦ୍ରାପଡ଼ା ହାଇସ୍କୁଲ ଛକରେ ଥିବା ତାଙ୍କ ୩ ଦୋକାନ ଗୃହକୁ ଇତିମଧ୍ୟରେ ୨୧ଲକ୍ଷ ଟଙ୍କାରେ ବିକ୍ରି କରାଯାଇଥିବା ନେଇ ହେଉଥିବା ଚର୍ଚ୍ଚା ଯଦି ସତ୍ୟ ହୋଇଥାଏ, ତେବେ ଏହା ପୂର୍ବ ପ୍ରସ୍ତୁତିର ଅଂଶବିଶେଷ ବୋଲି ଦୃଢ଼ ଭାବେ କୁହାଯାଇପାରିବ। ହାଇଦର ରାଜ୍ୟ ବାହାରକୁ ଚାଲିଯାଇଥାଇପାରନ୍ତି ବୋଲି ଅନେକେ ଚର୍ଚ୍ଚା କରୁଛନ୍ତି। ରାଜ୍ୟ ପୋଲିସ ପ୍ରଶାସନ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ହାଇଦରଙ୍କୁ ଖୋଜି ବାହାର କରିବା ସହ ସେ ଚମ୍ପଟ ମାରିବା ପଛରେ କେଉଁମାନେ ସମ୍ପୃକ୍ତ ରହିଛନ୍ତି ତାହାର ପର୍ଦ୍ଦାଫାଶ ଏବଂ କାର୍ଯ୍ୟାନୁଷ୍ଠାନ ଜରୁରୀ। ନଚେତ୍ ସେ ଦୃଷ୍ଟି ଆଢୁଆଳରେ ରହି କେନ୍ଦ୍ରାପଡ଼ା ଓ କଟକ ଜିଲା ସମେତ ରାଜ୍ୟର ଅନ୍ୟ ସ୍ଥାନରେ ହିଂସା ସୃଷ୍ଟି କରିବା ଆଶଙ୍କା ଏଡ଼ାଇ ହେବ ନାହିଁ ବୋଲି ଚର୍ଚ୍ଚା ହେଉଛି।

### ରେଡ୍ ଜୋନ୍‌ରେ ଖୋର୍ଦ୍ଧା, ...

ସୁନ୍ଦରଗଡ଼ରୁ ସର୍ବାଧିକ ୩୫୫ଜଣ ରହିଛନ୍ତି, ଯାହା ଦିନିକିଆ ସଂକ୍ରମଣରେ ଜିଲାର ସର୍ବକାଳୀନ ରେକର୍ଡ। ସେହିପରି ଦ୍ୱିତୀୟରେ ଥିବା ଖୋର୍ଦ୍ଧା ଜିଲାରେ ୧୯୩ଜଣ, ନୂଆପଡ଼ା ୧୩୫, ବରଗଡ଼ ୫୯, ଝାରସୁଗୁଡ଼ା ୫୨ ଓ କଟକରେ ୫୧ଜଣ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ରାଜ୍ୟରେ ଏବେ ମୋଟ ସଂକ୍ରମିତ ସଂଖ୍ୟା ୩,୪୮,୧୮୨ରେ ପହଞ୍ଚିଛି।

ଅପରପକ୍ଷେ ଦୀର୍ଘ ମାସ ବ୍ୟବଧାନ ପରେ ରାଜ୍ୟରେ ପୁଣି ୨ଜଣଙ୍କର କରୋନାରେ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ କେନ୍ଦ୍ରାପଡ଼ା ଜିଲାର ଜଣେ ୭୪ ବର୍ଷୀୟା ମହିଳା ଅଛନ୍ତି। ସେ ମଧୁମେହ ରୋଗରେ ମଧ୍ୟ ପୀଡିତ ଥିଲେ। ଅନ୍ୟଜଣେ ହେଲେ ବଲାଙ୍ଗୀରର ୭୭ ବର୍ଷୀୟ ବ୍ୟକ୍ତି। ସେ ବହୁବିଧ ରୋଗରେ ପୀଡିତ ଥିଲେ। ଏହି ଦୁଇଜଣଙ୍କୁ ମିଶାଇ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧,୯୨୬କୁ ବୃଦ୍ଧି ପାଇଛି। ରାଜ୍ୟ ସରକାର ଉଚିତ ପଦକ୍ଷେପ ନ ନେଲେ ଓଡ଼ିଶାରେ ମଧ୍ୟ ମହାରାଷ୍ଟ୍ର ଭଳି ପରିସ୍ଥିତି ସୃଷ୍ଟି ହେବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ଡା. ନିରୋଜ ମିଶ୍ର ଚେତାଇ ଦେଇଛନ୍ତି। ଅନ୍ୟପକ୍ଷରେ ପଡୋଶୀ ରାଜ୍ୟରୁ ସଂକ୍ରମଣ ଓଡ଼ିଶାକୁ ବ୍ୟାପୁଥିବା ଆଶଙ୍କା କରି ଶନିବାରଠାରୁ ଛତିଶଗଡ଼ ସୀମାକୁ ସିଲ୍ କରିଛନ୍ତି ରାଜ୍ୟ ସରକାର। ଛତିଶଗଡ଼କୁ ଯିବା ଆସିବା ପାଇଁ ସମସ୍ତ ଯୋଗାଯୋଗକୁ ବନ୍ଦ କରିଦେଇଛନ୍ତି। ବସ୍ ସେବା ବନ୍ଦ ହୋଇଯାଇଛି। ଏଥିସହ ସୀମାରେ ଯାଞ୍ଚକୁ କଡାକଡି କରାଯାଇଥିବା ସୂଚନା ମିଳିଛି।

### ହିସାବ ଦେବେ ମନ୍ତ୍ରୀ...

ଦେଇଛନ୍ତି, ଯେଉଁ ପ୍ରତିଶ୍ରୁତି ଆମେ ଲୋକଙ୍କୁ ଦେଇଛୁ, ତାକୁ ପାଳନ କରିବା ଦିଗରେ କେତେଦୂର ଆମେ ସଫଳ ହୋଇଛୁ ତା'ର ହିସାବ ଲୋକଙ୍କୁ ଦେବାକୁ ହେବ। ଏହା ଗଣତନ୍ତ୍ରର ମର୍ଯ୍ୟାଦା ବୃଦ୍ଧିକରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ ଯେ ୨୦୧୯ ମେ' ୨୯ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଗଠିତ ସରକାର ତା'ର ପ୍ରଥମ ବୈଠକରେ ଦଳର ନିର୍ବାଚନ ଇସ୍ତାହାରକୁ କାର୍ଯ୍ୟକାରୀ କରିବା ପାଇଁ ନୀତିଗତ ନିଷ୍ପତ୍ତି ନେଇଥିଲେ। ଆଗାମୀ ମେ' ୨୯ରେ ମନ୍ତ୍ରୀ ପରିଷଦର ସ୍ୱତନ୍ତ୍ର ବୈଠକରେ ବିଭିନ୍ନ ବିଭାଗର ସଫଳତା ଉପସ୍ଥାପନ କରାଯାଇ ଲୋକଙ୍କୁ ଅବଗତ କରାଯିବ। ୨୦୧୪ ନିର୍ବାଚନ ପରେ ମଧ୍ୟ ଦଳର ଇସ୍ତାହାରକୁ କାର୍ଯ୍ୟକାରୀ କରିବା ପାଇଁ ମନ୍ତ୍ରୀ ପରିଷଦ ନୀତିଗତ ନିଷ୍ପତ୍ତି ନେଇଥିଲା।

### ଯବାନଙ୍କ ଗୁଳିରେ ...

ଶାସକ ଟିଏମ୍‌ସି ଏବଂ ଭାଜପା କର୍ମୀଙ୍କ ମଧ୍ୟରେ ସଂଘର୍ଷ ବେଳେ ଗୁଳିମାଡ଼ରେ ଆନନ୍ଦ ବର୍ମନ(୧୮) ନାମକ ଜଣେ ଭୋଟର ପ୍ରାଣ ହରାଇଛନ୍ତି। କୁଚ୍‌ବିହାରରେ ୫ ଜଣଙ୍କ ମୃତ୍ୟୁ ଘଟଣାରେ ରାଜନୈତିକ କାଦୁଅଫିଙ୍ଗା ଆରମ୍ଭ ହୋଇଯାଇଛି। ଟିଏମ୍‌ସି ନେତ୍ରୀ ମମତା କହିଛନ୍ତି, ମତଦାନ ପାଇଁ ଧାଡ଼ିରେ ଛିଡ଼ାହୋଇଥିବା ନିରୀହ ଲୋକଙ୍କ ଉପରକୁ କେନ୍ଦ୍ରୀୟ ବଳ ଗୁଳି ଚଳାଇବାରୁ ୪ ଜଣଙ୍କ ମୃତ୍ୟୁ ଘଟିଲା। ଯବାନଙ୍କ ଗୁଳିକାଣ୍ଡ ପାଇଁ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଦାୟୀ। ସେ ହିଁ ଷଡ଼ଯନ୍ତ୍ରକାରୀ। ଶାହା ଜବାବ ରଖିବା ସହ ଇସ୍ତଫା ଦିଅନ୍ତୁ ବୋଲି ମମତା ଦାବି କରିଛନ୍ତି। ୪ ଜଣଙ୍କ ଜୀବନ ଯିବା ପରେ ନିର୍ବାଚନ କମିଶନ କହୁଛନ୍ତି ଆତ୍ମରକ୍ଷା ପାଇଁ ସୁରକ୍ଷା ବଳ ଗୁଳି ଚଳାଇଛି। ଏଥିପାଇଁ ସେମାନେ ଲଜ୍ଜିତ ହେବା ଉଚିତ ବୋଲି ମମତା କହିଛନ୍ତି। ଦୀର୍ଘଦିନ ହେଲା କେନ୍ଦ୍ରୀୟ ବଳ ଏଭଳି କାର୍ଯ୍ୟ କରିଚାଲିଛି। କେନ୍ଦ୍ରୀୟ ବଳର ଆତ୍ମରକ୍ଷା ନୀତିକୁ ନେଇ ଟିଏମ୍‌ସି ନେତ୍ରୀ ପ୍ରଶ୍ନ ଉଠାଇବା ସହ ତାଙ୍କ ସରକାର ଗୁଳିକାଣ୍ଡ ଘଟଣାର ସିଆଇଡି ତଦନ୍ତ ନିର୍ଦ୍ଦେଁ ଦେବ ବୋଲି କହିଛନ୍ତି। ଜନାଦେଶ ଭାଜପା ବିରୋଧରେ ଯାଉଥିବା ଜାଣିବା ପରେ ସେମାନେ ହତୋତ୍ସାହିତ ହୋଇ ଲୋକଙ୍କୁ ହତ୍ୟା କରୁଛନ୍ତି ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଉତ୍ତର ୨୪ ପ୍ରଗଣାଠାରେ ଏକ ନିର୍ବାଚନୀ ର୍‍ୟାଲିକୁ ସମ୍ବୋଧନ କରି କହିଛନ୍ତି। ରବିବାର ସେ ହିଂସାକାଣ୍ଡ ସ୍ଥଳ ପରିଦର୍ଶନରେ ଯିବେ।

ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଘଟଣାକୁ ନେଇ ଦୁଃଖ ପ୍ରକାଶ କରିବା ସହ ଏଥିପାଇଁ ଯେଉଁମାନେ ଦାୟୀ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ବାଚନ କମିଶନଙ୍କୁ ଅନୁରୋଧ କରିଛନ୍ତି। ନିର୍ବାଚନ ବେଳେ ହିଂସାକାଣ୍ଡ ପାଇଁ ସେ ଶାସକ ଟିଏମ୍‌ସିକୁ ଦୋଷ ଦେଇଛନ୍ତି। କେନ୍ଦ୍ରୀୟ ବଳ ବିରୋଧରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଲୋକଙ୍କୁ ଉତ୍ତେଜିତ କରିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। କୁଚ୍‌ବିହାରରେ ଯାହା ଘଟିଲା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ଦୁଃଖଦ ଘଟଣା। ଭାଜପା ପ୍ରତି ସମର୍ଥନ ବଢୁଥିବାରୁ ମମତା ଓ ତାଙ୍କ ଟିଏମ୍‌ସି ଗୁଣ୍ଡାମାନେ ବିବ୍ରତ ହୋଇପଡ଼ିଛନ୍ତି ବୋଲି ପ୍ରଧାନମନ୍ତ୍ରୀ ସିଲିଗୁଡ଼ିଠାରେ ଏକ ନିର୍ବାଚନ ର୍‍ୟାଲିକୁ ସମ୍ବୋଧନ କରି କହିଛନ୍ତି।

ଉପରୋକ୍ତ ଦୁଇ ଘଟଣାକୁ ବାଦ୍ ଦେଲେ ଅନ୍ୟ କେତେକ ସ୍ଥାନରେ ଛୋଟମୋଟ ଉତ୍ତେଜନା ଦେଖାଦେଇଥିଲା। ଯାଦବପୁର ନିର୍ବାଚନ ମଣ୍ଡଳୀର ଗାଙ୍ଗୁଲି ବାଗାନ ଅଞ୍ଚଳରେ ସିପିଆଇ(ଏମ୍) ପ୍ରାର୍ଥୀ ସୁଜନ ଚକ୍ରବର୍ତ୍ତୀଙ୍କ ବୁଥ୍ ଏଜେଣ୍ଟଙ୍କ ଉପରେ ଜଣେ ଜାଲ୍ ଭୋଟର ଆକ୍ରମଣ କରିବା ସହ ଲଙ୍କାଗୁଣ୍ଡ ଫିଙ୍ଗିଥିବା ଅଭିଯୋଗ ହୋଇଥିଲା। କେନ୍ଦ୍ରୀୟ ସୁରକ୍ଷା ବଳ ଉକ୍ତ ସ୍ଥାନରେ ପହଞ୍ଚି ସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ସେହିପରି ଦକ୍ଷିଣ ୨୪ ପ୍ରଗଣାର ବାଙ୍ଗୋରଠାରେ ପୋଲିଂ ଏଜେଣ୍ଟଙ୍କୁ ନେଇ ଆଇଏସ୍‌ଏଫ୍ ଏବଂ ଟିଏମ୍‌ସି କର୍ମୀଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ହୁଗ୍‌ଲିର ଚଣ୍ଡିତାଲାରେ ଏକ ବୁଥ୍ ବାହାରେ ସିପିଆଇ(ଏମ୍) କର୍ମୀ ଓ ଟିଏମ୍‌ସି ସମର୍ଥକଙ୍କ ମଧ୍ୟରେ ହାତାହାତି ହୋଇଥିଲା। ହିଂସାକାଣ୍ଡ ସତ୍ତ୍ୱେ ଚତୁର୍ଥ ପର୍ଯ୍ୟାୟରେ ଭୋଟଦାନ ହାର ଅଧିକ ରହିଛି।

### ଏମାର ମଠରୁ ମିଳିଲା ...

କରି ରଖିଥିଲେ। ପ୍ରତ୍ୟେକ ଇଟାର ଓଜନ ୩୦ କିଲୋରୁ



ଅଧିକ ଥିବା ସୂଚନା ମିଳିଛି। ଏହାର ମାପ ଓ ଓଜନ ସରିଥିଲେ ମଧ୍ୟ ସମୁଦାୟ ଇଟାର ଓଜନ କେତେ ସେନେଇ ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇନାହିଁ। ଶନିବାର ସୁଦ୍ଧା ମଠରୁ ରୁପା ଇଟା ବ୍ୟତୀତ ରୁପା ଗଛ, ଫୁଲଦାନି, ବ୍ରୋଞ୍ଜର ଗାଇବାଛୁରୀ, ୧୬ଟି ପୁରାତନ ଖଣ୍ଡା ଏବଂ ଅନେକ ଆସବାବପତ୍ର ମିଳିଛି।

ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ଏମାର ମଠ ତରଫରୁ ରୁପା ଇଟା କୋଷାଗାରରେ ରଖିବା ପାଇଁ କୁହାଯିବାପରେ ଜିଲା ପ୍ରଶାସନ ଗାଡ଼ି ପଠାଇ ଏହି ଇଟାକୁ ନେଇଛି। ତେବେ ଏହା କେତେ ଓଜନର ତାହା ଜିଲା ପ୍ରଶାସନ ପରବର୍ତ୍ତୀ ସମୟରେ ଜଣାଇବ। ଅନ୍ୟପକ୍ଷରେ ମଠରୁ ମିଳିଥିବା କିଛି ଅଳଙ୍କାର, ଆସବାବପତ୍ର ଓ ସୁନା, ରୁପା ଓ ପିତ୍ତଳର ପଦାର୍ଥକୁ ହିସାବ କରାଯାଇ ମଠରେ ହିଁ ରଖାଯାଇଛି। ଅପରପକ୍ଷରେ ମଠ ମହନ୍ତ ଗୋପାଳ ରାମାନୁଜ ଦାସ କହିଛନ୍ତି, ତାଙ୍କ ବିନା ଦସ୍ତଖତରେ ରୁପା ଇଟାକୁ ଦେବା ପାଇଁ ଜିଲା ପ୍ରଶାସନ ବାଧ୍ୟ କରିଥିଲା। ଏପରି କି ଏହି ରୁପା ଇଟା ଜିଲା କୋଷାଗାରକୁ ନେବାକୁ ତାଙ୍କର ବିରୋଧ ଥିବା ଦର୍ଶାଇବାକୁ ସେ ଚେଷ୍ଟା କରିଥିଲେ। ହେଲେ ପ୍ରଶାସନ ପକ୍ଷରୁ କେବଳ ସାଧାରଣ ଦସ୍ତଖତ କରିବାକୁ କହିଥିଲେ। ମଠର ଦାୟିତ୍ୱ କିଏ ସମ୍ପାଦନ କରିବ ସେନେଇ ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇ ନାହିଁ। ହାଇକୋର୍ଟର ରହିତାଦେଶ ସମ୍ବଳିତ ନୋଟିସ ମାଜିଷ୍ଟ୍ରେଟଙ୍କୁ ଦେଖାଇଥିଲି। ଏପରି କି ଚାଲିଥିବା ସମ୍ପୃକ୍ତ ପ୍ରକ୍ରିୟାକୁ ନେଇ ସ୍ପଷ୍ଟତା ରଖିବାକୁ କହିଥିଲି। ସେ ମଧ୍ୟ ମୋ କଥାକୁ ଧ୍ୟାନ ଦେଇ ନ ଥିଲେ ବୋଲି ମହନ୍ତ ରାମାନୁଜ କହିଛନ୍ତି। ଅପରପକ୍ଷରେ ଟ୍ରଷ୍ଟ ବୋର୍ଡ ସଦସ୍ୟ ନରେଶ ଚନ୍ଦ୍ର ଦାଶ କହିଛନ୍ତି, ପୂର୍ବରୁ ଯେଉଁ ୪୫ ଖଣ୍ଡ ଇଟା ତାଲିକାରେ ଥିଲା ତାହା ମିଳିଛି। ତେବେ ଟ୍ରଷ୍ଟର ଭବିଷ୍ୟତ କ'ଣ ରହିବ ଓ କିଭଳି ଭାବେ ମଠ ପରିଚାଳିତ ହେବ ସେନେଇ ପ୍ରଶାସନ ନିଷ୍ପତ୍ତି ନେବ ବୋଲି କହିଛନ୍ତି। ସେହିଭଳି ରାଧାବଲ୍ଲଭ ମଠ ମହନ୍ତ ରାମକୃଷ୍ଣ ଦାସ ମହାରାଜ ସମ୍ପୂର୍ଣ୍ଣ ପ୍ରସଙ୍ଗରେ ଏକ ନ୍ୟାର୍ଯ୍ୟ ଓ ସମୟ ଉପଯୋଗୀ ଦାବି କରିଛନ୍ତି। ଏବେ ଦେବୋତ୍ତର ବିଭାଗର ଜାଣତରେ ଥିବା ରୁପା ଇଟାକୁ ମଠରୁ ବାହାର କରାଯାଇଛି। ମଠ ମଧ୍ୟରେ ଆହୁରି କିଛି ମୂଲ୍ୟବାନ ସାମଗ୍ରୀ ଥିବାର ମଧ୍ୟ ସମ୍ଭାବନା ରହିଛି। ଏଣୁ ମେଟାଲ୍ ଡିଟେକ୍ଟରର ସହାୟତାରେ ଏମାର ମଠକୁ ସ୍କାନ କରାଯିବାର ଆବଶ୍ୟକତା ରହିଥିବା ଶ୍ରୀମହାରାଜ କହିଛନ୍ତି।

